ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.99 Bhubaneswar Tuesday May 23 2023 | ୨୬ତମ ବର୍ଷ ସଂଖ୍ୟା-୯୯ ଭୁବନେଶ୍ୱର, ମଙ୍ଗଳବାର, ମଇ ୨୩, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

# ସଂଗଠନ ସମ୍ଭାଳିବେ ପ୍ରସନ୍ନ, ବାଦ୍ ପଡିବେ ବବି !




ଭୁବନେଶ୍ୱର,୨୨।୫(ପି.ଏନ): ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ଅସନ୍ତୋଷକୁ ଏଡାଇବା ପାଇଁ ବିଜେଡି ନିଜର ସାଂଗଠନିକ ସ୍ତରରେ କେତେକ ଆଖିଦୃଶିଆ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି । ସବୁ ଚାପକୁ ଅଣଦେଖା କରି ଦଳର ୩ ଜଣ ଅଭିଜ୍ଞ ଓ ପୁରୁଖା ବିଧାୟକଙ୍କୁ ଆଜି ମନ୍ତ୍ରିମଣ୍ଡଳରେ ସାମିଲ କରିଥିବା ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ସାଂଗଠନିକସ୍ତରରେ ଚାପା ଅସନ୍ତୋଷ ମଧ୍ୟରେ ରହିଥିବା ବରିଷ୍ଠ ନେତାମାନଙ୍କୁ ପୁଣିଥରେ ସକ୍ରିୟ କରାଇବାକୁ ପଦକ୍ଷେପ ନେବେ ବୋଲି ଜଣାପଡିଛି । ନିର୍ବାଚନକୁ ଦୃଷ୍ଟିରେ ରଖି ବର୍ତ୍ତମାନର ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଚେକ୍ ଦେବା ନିମନ୍ତେ ସଂଗଠନର ଦାୟିତ୍ୱ ବରିଷ୍ଠ ଉପସଭାପତି ତଥା ଦଳର ପ୍ରତିଷ୍ଠାତା ମହାସଚିବ ପ୍ରସନ୍ନ ଆଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ କରାଯାଇପାରେ ବୋଲି ବିଜେଡି ସୂତ୍ରରୁ ସୂଚନା ମିଳିଛି । ପଂଚମ ପାଳିର ସରକାରରେ ମନ୍ତ୍ରିମଣ୍ଡଳରେ ସାମିଲକୁ ନେଇ ପ୍ରଥମଥର ପାଇଁ ନବୀନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଦଳୀୟ ନେତାମାନଙ୍କୁ ମେଳି କରିବା ଘଟଣାକୁ ବିଜେଡି ନେତୃତ୍ୱ ବେଶ୍ ଗୁରୁତ୍ୱର ସହ ନେଇ ସୁଶାନ୍ତ ଓ ତାଙ୍କର ଗଡଫାଦରଙ୍କ ଉପରେ ଖୁବଶୀଘ୍ର ଲଗାମ ଦେବା ଭଳି ପଦକ୍ଷେପ ନେବାର ସମ୍ଭାବନା ରହିଛି । ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମନ୍ତ୍ରିମଣ୍ଡଳ ଅଦଳବଦଳ ପ୍ରସଙ୍ଗକୁ ନେଇ ଗତ ପ୍ରାୟ ଏକ ସପ୍ତାହ ଧରି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବିଜେଡି ନେତୃତ୍ୱ ଉପରେ ଚାପ ପକାଇ ଆସୁଥିଲେ । ଏପରିକି ନିଜର ଖାସ୍ ଅନୁଗତ ସମୀର ରଞ୍ଜନ ଦାଶଙ୍କ ଇସ୍ତଫାକୁ ସହଜରେ ହଜମ କରିପାରିନଥିବା ପ୍ରଣବ ଏଭଳି ମତାନ୍ତର ଯୋଗୁ ଅଚାନକ ଦିଲ୍ଲୀ ପଳାଇଥିଲେ । ସମ୍ଭାବ୍ୟ ମନ୍ତ୍ରିମଣ୍ଡଳରେ ସୁଶାନ୍ତ ସିଂ କିମ୍ବା ତାଙ୍କର ଜଣେ ଖାସ୍ ଅନୁଗତଙ୍କୁ ମନ୍ତ୍ରୀ କରିବା ନିମନ୍ତେ ପ୍ରଣବ ଚାପ ସୃଷ୍ଟି କରିଥିଲେ, ମାତ୍ର ଦଳର ଭବିଷ୍ୟତକୁ ଦୃଷ୍ଟିରେ ରଖି ଏବେ କୌଣସି ପ୍ରକାରର ସାଲିସ୍ କରିବାକୁ ଚାହୁଁନଥିବା ବିଜେଡି ସୁପ୍ରିମୋ ଏଭଳି ପ୍ରସ୍ତାବକୁ ଏଡାଇ ଦେଇଥିଲେ ବୋଲି ଦଳ ସୂତ୍ରରୁ ସୂଚନା ମିଳିଛି । ତଥାପି ଆଜିର ମନ୍ତ୍ରିମଣ୍ଡଳରେ ସୁଶାନ୍ତଙ୍କୁ ସାମିଲ କରାଯାଇପାରେ ବୋଲି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି ପ୍ରଭାବଶାଳୀ ଗୋଷ୍ଠୀ ଆଶାବାଦୀ ରହିଥିଲା । ଯେଉଁଥିପାଇଁ ସୁଶାନ୍ତ ଆଜି ସକାଳ ୮ଟାରେ ଭୁବନେଶ୍ୱରରେ ପହଂଚି ପ୍ରାୟ ୧୦ଟାବେଳେ ବରଗଡ ଅଭିମୁଖେ ଯାଇଥିବା ସୂଚନା ମିଳିଛି । ମନ୍ତ୍ରୀ ପଦରୁ ବଂଚିତ ହେବାପରେ ସୁଶାନ୍ତ ଦଳ ଉପରେ ଚାପ ସୃଷ୍ଟି ନିମନ୍ତେ ନିଜର ଅନୁଗତମାନଙ୍କୁ ଫୋନ୍ କରି ଦଳୀୟ ପଦପଦବୀରୁ ଇସ୍ତଫା ଦେବାକୁ ପରାମର୍ଶ ଦେଇଥିଲେ । ଏପରିକି ବିଜେଡିର ଏକ ହ୍ୱାଟସଅପ୍ ଗ୍ରୁପରେ ସୁଶାନ୍ତଙ୍କ ଅନୁଗତମାନେ ମନ୍ତ୍ରୀପଦ ନମିଳିବାର ଅସନ୍ତୋଷ ବ୍ୟକ୍ତ କରିବାକୁ ପଛାଇ ନଥିଲେ । ଯଦିଓ ଏହି ଗ୍ରୁପରେ ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ରହିଥିବା ସୂଚନା ମିଳିଛି । ବରଗଡ ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ ମଧ୍ୟ ଗଣମାଧ୍ୟମରେ ସାମ୍ନାକୁ ଆସି ସୁଶାନ୍ତଙ୍କୁ ମନ୍ତ୍ରୀ ନକରାଯିବା ନେଇ ସମୂହ ଇସ୍ତଫା ଦେବାକୁ ଯୋଜନା ହେଉଥିବା ସ୍ପଷ୍ଟ କରିସାରିଛନ୍ତି । ଏଭଳି ସ୍ଥିତି ବିଜେଡି ସଂଗଠନ ସମ୍ପାଦକ ଓ ଭଟଲୀ ବିଧାୟକ ସୁଶାନ୍ତ ସିଂଙ୍କ ଭୂମିକାକୁ ନେଇ ସନ୍ଦେହ ଦେଖାଦେଇଛି ।ତେବେ ବିଜେଡିର ନିର୍ଭରଯୋଗ୍ୟ ସୂତ୍ର ଅନୁସାରେ, ଦଳରେ ବଢ଼ିଚାଲିଥିବା ଅସନ୍ତୋଷକୁ ପ୍ରଶମିତ କରିବା ଓ ଆଭ୍ୟନ୍ତରୀଣ ଗୋଷ୍ଠୀବାଦକୁ ପ୍ରୋତ୍ସାହିତ କରୁଥିବା ପ୍ରଭାବଶାଳୀ ଗୋଷ୍ଠୀକୁ ଚେକ୍ ଦେବା ନିମନ୍ତେ ବିଜେଡି ସୁପ୍ରିମୋ ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି । ଯାହାଫଳରେ ୨୦୨୪ ସାଧାରଣ ନିର୍ବାଚନ ଟିକେଟ୍ ଚୟନବେଳେ ଦଳକୁ ବିଶେଷ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ ନାହିଁ । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ତାଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ଏବେ ବିଭିନ୍ନ ଜିଲ୍ଲା ଗସ୍ତ ସହ ରାତି ରହଣୀ ମାଧ୍ୟମରେ ସାଧାରଣ ଲୋକଙ୍କ ସହ ସିଧାସଳଖ ଯୋଗସୂତ୍ର ରକ୍ଷା କରୁଛନ୍ତି । ତା'ଛଡା ବିଜେଡିର ବିଭିନ୍ନ ବର୍ଗର ନେତାମାନେ ଏବେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜର ଆପତ୍ତି-ଅଭିଯୋଗକୁ ପହଂଚାଇବା ନିମନ୍ତେ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ଯେକୌଣସି ସମୟରେ ଭେଟିବାର ସୁଯୋଗ ରହିଛି । ଆଉ ଏସବୁ ମାଧ୍ୟମରେ ଦଳର କର୍ମୀ ଓ ନେତାମାନଙ୍କ ମଧ୍ୟରେ ବଢ଼ୁଥିବା ଅସନ୍ତୋଷ ସମ୍ପର୍କରେ ବିସ୍ତୃତ ତଥ୍ୟ ବିଜେଡି ନେତୃତ୍ୱଙ୍କ ହସ୍ତଗତ ହୋଇଛି । ତା'ଛଡା ଝାରସୁଗୁଡା ଉପନିର୍ବାଚନ ପରିଚାଳନାବେଳେ ବର୍ତ୍ତମାନର ତଥାକଥିତ ପ୍ରଭାବଶାଳୀ ଗୋଷ୍ଠୀର ଷଡଯନ୍ତ୍ର(ନିର୍ବାଚନୀ ଖର୍ଚ୍ଚର ଆଳ ଦେଖାଇ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭାରୁ ପ୍ରାର୍ଥୀ ଦୀପାଳିଙ୍କୁ ଦୂରେଇ ରଖିବା) ସମ୍ପର୍କରେ ମଧ୍ୟ ଆବଶ୍ୟକ ତଥ୍ୟ ବିଜେଡି ସୁପ୍ରିମୋଙ୍କୁ କ୍ଷୁବ୍ଧ କରିଥିଲା ।

# ନବୀନଙ୍କ ମନ୍ତ୍ରିମଣ୍ଡଳର ସଂପ୍ରସାରଣ, ୩ ନୂଆ ମନ୍ତ୍ରୀ ହେଲେ ସାମିଲ

## କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଲେ ବିକ୍ରମ, ସୁଦାମ ଓ ଶାରଦା



ଭୁବନେଶ୍ୱର ,୨୨।୫(ପି.ଏନ): ବହୁ ପ୍ରତୀକ୍ଷିତ ନବୀନ ପଟ୍ଟନାୟକ ମନ୍ତ୍ରିମଣ୍ଡଳର ଆଜି ସଂପ୍ରସାରଣ ହୋଇଛି । ସୋମବାର ରାଜ୍ୟର ତିନି ଜଣ ନୂଆ ମନ୍ତ୍ରୀ ଶପଥ ନେଇଛନ୍ତି। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବିକ୍ରମ କେଶରୀ ଆରୁଖ, ସୁଦାମ ମାର୍ଣ୍ଡି ଓ ଶାରଦା ନାୟକଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ତିନିଜଣ ମନ୍ତ୍ରୀ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ମନ୍ତ୍ରୀ, ବିଧାୟକମାନେ ମଧ୍ୟ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କୁ ହତ୍ୟା କରାଯିବା ଓ ପରେ ଗତ ୧୨ ତାରିଖରେ ଦୁଇ ମନ୍ତ୍ରୀ ସମୀର ଦାଶ ଓ ଶ୍ରୀକାନ୍ତ ସାହୁ ଇସ୍ତଫା ଦେବା ପରେ ରାଜ୍ୟ ମନ୍ତ୍ରିମଣ୍ଡଳରେ ତିନୋଟି ସ୍ଥାନ ଖାଲି ହୋଇଥିଲା। ଗତ ୧୨ ତାରିଖ ଦିନ ବିକ୍ରମ କେଶରୀ ଆରୁଖ ମଧ୍ୟ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। ସେତେବେଳେ ତାଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳରେ ପୁଣି ଥରେ ନିଆ ଯିବ ବୋଲି ଅନୁମାନ କରାଯାଉଥିଲା। ଆଜି ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ତିନି ଜଣ ପୂର୍ବରୁ ନବୀନ ପଟ୍ଟନାୟକ ସରକାରରେ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି । ବିକ୍ରମ କେଶରୀ ଆରୁଖ ଗଞ୍ଜାମ ଜିଲ୍ଲାର ଭଞ୍ଜନଗରରୁ ଲଗାତର ୬ ଥର ବିଜୟୀ ହୋଇ ଆସୁଛନ୍ତି। ସେ ୨୦୦୯ ମସିହାରୁ କ୍ରମାଗତ ଭାବେ ମନ୍ତ୍ରୀ ହୋଇ ଆସୁଥିଲେ। ଗତ ବର୍ଷ ଜୁନ୍ ମାସରେ ମନ୍ତ୍ରିମଣ୍ଡଳର ଅଦଳବଦଳ ବେଳେ ସେ ବାଦ୍ ପଡ଼ିଥିଲେ। ସେତେବେଳେ ଏବେ ପୁଣି ଥରେ ତାଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛନ୍ତି । ସେହିପରି ଝାରଖଣ୍ଡ ମୁକ୍ତି ମୋର୍ଚ୍ଚାରୁ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ସୁଦାମ ମାରାଣ୍ଡି ୨୦୧୪ ଓ ୨୦୧୯ ମସିହାରେ ବିଜେଡି ଟିକେଟରେ ମୟୁରଭଂଜ ଜିଲ୍ଲାର ବାଙ୍ଗିରିପୋଶୀ ଆସନରୁ ବିଜୟୀ ହୋଇଛନ୍ତି । ଏହା ପୂର୍ବରୁ ସେ ନବୀନ ସରକାରରେ ରାଜସ୍ୱ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ସାରିଛନ୍ତି। ରାଉରକେଲାରୁ ବିଧାୟକ ସାରଦା ନାୟକ ମଧ୍ୟ ପୂର୍ବରୁ ନବୀନ ସରକାରରେ ମନ୍ତ୍ରୀ ରହି ସାରିଛନ୍ତି।

# ପୁଣି ଆସିବ କି ୧୦୦୦ ଟଙ୍କିଆ ନୋଟ ? ଜବାବ ରଖିଲେ ଆରବିଆଇ ଗଭର୍ଣ୍ଣର

ଭୁବନେଶ୍ୱର,୨୨।୫(ପି.ଏନ):୨୦୧୬ ମସିହା ବିମୁଦ୍ରାକରଣ ପରେ ବଜାରକୁ ଆସିଥିବା ୨ ହଜାର ଟଙ୍କିଆ ନୋଟକୁ ଆରବିଆଇ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। ଆରବିଆଇର ଏପରି ନିଷ୍ପତ୍ତି ପରେ ୨୦୧୬ ବିମୁଦ୍ରାକରଣ ପୂର୍ବରୁ ବଜାରରେ ବ୍ୟବହାର କରାଯାଉଥିବା ୧୦୦୦ ଟଙ୍କିଆ ନୋଟ ପୁଣି ଆସିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ଆଜି ଏ ସଂକ୍ରାନ୍ତରେ ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କରିଥିଲେ। ଏହାର ଜବାବ ମଧ୍ୟ ସେ ରଖିଛନ୍ତି। ତାଙ୍କ କହିବା କଥା ଯେ ଆରବିଆଇ ପୁଣିଥରେ ହଜାରେ ଟଙ୍କିଆ ନୋଟ ବଜାରକୁ ଛାଡିବା ପାଇଁ କୌଣସି ପ୍ରକାରର ଯୋଜନା କରିନାହିଁ। ସେ କହିଛନ୍ତି, "୧୦୦୦ ଟଙ୍କିଆ ନୋଟକୁ ନେଇ ଅନେକ ପ୍ରକାରର ଆକଳନ କରାଯାଉଛି। କିନ୍ତୁ ସେହିପରି ଯୋଜନା ବର୍ତ୍ତମାନ ସୁଦ୍ଧା କିଛି ନାହିଁ।" ୨୦୧୬ ନଭେମ୍ବର ମାସରେ ବିମୁଦ୍ରାକରଣ ଲାଗୁ କରାଯାଇଥିଲା।

## ମଧ୍ୟପ୍ରଦେଶ ପାଇଁ କଂଗ୍ରେସର ପ୍ରତିଶ୍ରୁତି: ୫ ଶହ ଟଙ୍କାରେ ଦେବେ ଗ୍ୟାସ

ନୂଆଦିଲ୍ଲୀ,୨୨।୫(ପି.ଏନ): କର୍ଣ୍ଣାଟକାରେ ପ୍ରଚଣ୍ଡ ଜନମତ ସହ ସରକାର ଗଠନ କରିଥିବା କଂଗ୍ରେସ ଏବେ ମଧ୍ୟପ୍ରଦେଶ ଉପରେ ଫୋକସ କରିଛି। ଚଳିତ ବର୍ଷ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। କର୍ଣ୍ଣାଟକାର ସଫଳତା ମଧ୍ୟପ୍ରଦେଶରେ ଦୋହରାଇବା ପାଇଁ କଂଗ୍ରେସ ଏବେଠାରୁ ଅଣ୍ଟା ଭିଡିଛି।କର୍ଣ୍ଣାଟକା ଭଳି ମଧ୍ୟପ୍ରଦେଶରେ ମଧ୍ୟ କଂଗ୍ରେସ ଗୃହିଣୀ, ମହିଳା, ବରିଷ୍ଠ ନାଗରିକ ଓ ଚାଷୀମାନଙ୍କୁ ଲାଭ ଦେବାକୁ ଘୋଷଣା କରିଛି। ମଧ୍ୟପ୍ରଦେଶରେ କଂଗ୍ରେସ କ୍ଷମତାକୁ ଆସିଲେ ଲୋକମାନଙ୍କୁ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ ଯୋଗାଇ ଦେବ ବୋଲି ପ୍ରତିଶ୍ରୁତି ଦେଇଛି। ବର୍ତ୍ତମାନ ବଜାରରେ ଗୋଟିଏ ସିଲିଣ୍ଡରର ଦାମ ୧୦୦୦ ଟଙ୍କା ଉପରେ ରହିଛି। ତେଣୁ କଂଗ୍ରେସ କ୍ଷମତାକୁ ଆସିଲେ ଏହାକୁ ଅଧା ଦାମରେ ଦେବ ବୋଲି କହିଛି।

## କାରରୁ ୨୮ କେଜି ଗଞ୍ଜେଇ ଜବତ

ବଲାଙ୍ଗିର, ୨୨।୫(ପି.ଏନ): ବଲାଙ୍ଗିରରେ ଥମିବାର ନାଁ ନେଉ ନାହିଁ ଗଞ୍ଜେଇ ଚୋରାଚାଲାଣ କାରବାର । ଚୋରା ଗଞ୍ଜେଇ କାରବାରର ହବ୍ ପାଲଟିଲାଣି ବଲାଙ୍ଗିର ସହର ଓ ଏହାର କିଛି ଆଖପାଖ ଅଂଚଳ । ଗତକାଲି ବଲାଙ୍ଗିର ଦେଓଗାଁ ପୋଲିସ ରତନପୁର ଢ଼ାବା ନିକଟରେ ଏକ ନିଛାଟିଆ ସ୍ଥାନରେ ଥିବା ଗୋଦାମ ଘରେ ଗଂଜେଇ ଭର୍ତ୍ତି ଏକ ଇନୋଭା ଗାଡି ରହିଥିବା ସୂଚନା ପାଇଥିଲା, ଯାହା ରାତିରେ ଆସି ସେହି ସ୍ଥାନରେ ରଖାଯାଇଥିବା ନେଇ ମିଳିଥିବା ସୂତ୍ରରୁ ପୋଲିସ ହାତରେ ଖବର ଲାଗିଥିଲା । ଗତକାଲି ଘଟଣାସ୍ଥଳରେ ପୋଲିସ ଚଢଉ କରିଥିଲା । ଇନୋଭା ଗାଡ଼ିକୁ ଖୋଲିଥିଲା । ଗାଡ଼ି ଭିତରୁ ୨୮ କେ.ଜି. ଗଞ୍ଜେଇ ବାହାରିଥିଲା । ଦେଓଗାଁ ପୋଲିସ ଗାଡିକୁ ଜବତ କରିବା ସହ ଗାଡି ଭିତରୁ ବାହାରିଥିବା ଗଞ୍ଜେଇକୁ ଜବତ କରିଛି । ତେବେ ଗାଡିଟି ରତନପୁର ଢ଼ାବା ଆଗରେ ରହିଥିବା ଯୋଗୁଁ ଏହା ଢ଼ାବା ମାଲିକଙ୍କର ବୋଲି ଅନୁମାନ କରି ଢ଼ାବା ମାଲିକ ନଥିବା ଯୋଗୁଁ ଢ଼ାବାର ଦୁଇ ଜଣଙ୍କୁ ଥାନାକୁ ଉଠାଇ ଆଣିଛି ପୋଲିସ । ସେପଟେ ଗାଡିଟିରେ ଭୁବନେଶ୍ୱର ନମ୍ବର ରହିଥିବା ବେଳେ ଗାଡ଼ିଟି କାହାର ତାହାକୁ ନେଇ ତଦନ୍ତ କରୁଛି ପୋଲିସ ।

# ଆଗୁଆ ନିର୍ବାଚନକୁ ଯାଇପାରନ୍ତି ନବୀନ, ଫୋକସରେ ଅଧିକ ଲୋକସଭା ସିଟ୍ ?



ଭୁବନେଶ୍ୱର,୨୨।୫(ପି.ଏନ): ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଆଗୁଆ ବିଧାନସଭା ନିର୍ବାଚନକୁ ଯାଇପାରନ୍ତି । ଅଧିକ ସଂଖ୍ୟକ ଲୋକସଭା ସିଟ୍ ଜିତିବା ନିମନ୍ତେ ନବୀନ ପୃଥକ୍ ଭାବେ ରାଜ୍ୟରେ ଲୋକସଭା ଓ ବିଧାନସଭା ନିର୍ବାଚନ କରିବା ପାଇଁ ରଣନୀତି କରୁଛନ୍ତି ବୋଲି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା । ମିଳିଥିବା ସୂଚନା ଅନୁସାରେ, ନବୀନ ନିଜର ବରିଷ୍ଠ ନେତାମାନଙ୍କୁ ଡାକି ଦଳ ଆଗାମୀ ନିର୍ବାଚନରେ କିଭଳି ଅଧିକ ସଂଖ୍ୟକ ଲୋକସଭା ସିଟ୍ ଜିତିବ ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଗତ ପ୍ରାୟ ୩-୪ମାସ ଧରି ନବୀନ ତାଙ୍କର ଫୋକସରେ ଅଧିକ ଲୋକସଭା ସିଟ୍ ଥିବା ନେଇ ତାଙ୍କୁ ଭେଟୁଥିବା ବରିଷ୍ଠ ଦଳୀୟ ନେତାମାନଙ୍କୁ ବାରମ୍ବାର କହି ଆସୁଥିବାବେଳେ ଆଗାମୀ ଡିସେମ୍ବରରେ ରାଜ୍ୟରେ ବିଧାନସଭା ନିର୍ବାଚନ କରାଇବା ନିମନ୍ତେ ଆଗୁଆ ଷୋଡଶ ବିଧାନସଭାକୁ ଭଙ୍ଗ କରିପାରନ୍ତି ବୋଲି ଜଣାପଡିଛି । ଚଳିତବର୍ଷ ଡିସେମ୍ବର ମାସରେ ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ, ତେଲେଙ୍ଗାନା ଓ ମିଜୋରାମରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ରାଜ୍ୟଗୁଡିକ ସହ ଓଡିଶାରେ ବିଧାନସଭା ନିର୍ବାଚନ କରାଇବା ଉଦ୍ଦେଶ୍ୟରେ ନବୀନ ଆଗୁଆ ବିଧାନସଭା ଭଙ୍ଗ କରିପାରନ୍ତି । ରାଜ୍ୟରେ ଏକାଠି ବିଧାନସଭା ଓ ଲୋକସଭା ନିର୍ବାଚନ ହେଲେ ତାହା ତାଙ୍କ ଦଳ ବିଜେଡି ନିମନ୍ତେ ମହଙ୍ଗା ସାବ୍ୟସ୍ତ ହେଉଛି । ଦଳର ସମ୍ପୂର୍ଣ୍ଣ ଫୋକସ୍ ବିଧାନସଭା ଆସନ ଉପରେ ରହୁଥିବା ତଥା ବିଧାୟକ ଓ ନେତାମାନେ ବିଧାନସଭା ନିର୍ବାଚନ ଜିତିବା ଉପରେ ଗୁରୁତ୍ୱ ଦେଉଥିବାରୁ ଲୋକସଭା ନିର୍ବାଚନରେ ଦଳକୁ କ୍ଷତି ସହିବାକୁ ପଡୁଛି । ତେଣୁ ଦଳ ଗତ କିଛିମାସ ଧରି ଆଗୁଆ ନିର୍ବାଚନ ପାଇଁ ନିଜକୁ ପ୍ରସ୍ତୁତି କରିବାରେ ଲାଗିଛି । ଅବଶ୍ୟ ମୁଖ୍ୟ ବିରୋଧୀ ଦଳ ବିଜେପିର ବରିଷ୍ଠ ନେତାମାନେ ଓଡିଶାରେ ଆଗୁଆ ବିଧାନସଭା ନିର୍ବାଚନ ପାଇଁ ନବୀନ ସଜବାଜ ହେଉଥିବା ନେଇ ଗଣମାଧ୍ୟମରେ ବୟାନ ଦେଇସାରିଛନ୍ତି ।ଉଲ୍ଲେଖଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନରେ ୧୪୭ ଆସନ ବିଶିଷ୍ଟ ବିଧାନସଭାରେ ବିଜେଡି କୁ ୧୧୨ଟି ସିଟ୍ ମିଳିଥିଲା । କିନ୍ତୁ ସମାନୁପାତରେ ଲୋକସଭା ଆସନ ଜିତିବାରେ ବିଜେଡି ସକ୍ଷମ ହୋଇନଥିଲା । ଦଳକୁ ମାତ୍ର ୧୨ଟି ଲୋକସଭା ଆସନରେ ସୀମିତ ହେବାକୁ ପଡିଥିଲା । ଯଦିଓ ବିଜେପିକୁ ମାତ୍ର ୨୩ଟି ବିଧାନସଭା ଆସନ ମିଳିଥିଲା, କିନ୍ତୁ ବିଜେପି ୮ଟି ଲୋକସଭା ଆସନ ଜିଣିବାରେ ସଫଳ ହୋଇଥିଲା । କଂଗ୍ରେସ ୯ଟି ବିଧାନସଭା ଓ ୧ଟି ଲୋକସଭା ସିଟ୍ ଜିତିଥିଲା ।

# କିମ୍ସ ଡାକ୍ତରଙ୍କ ସଫଳତା : ୩ ମାସ ଶିଶୁର ରେଟିନା ଅସ୍ତ୍ରୋପଚାର




ଭୁବନେଶ୍ୱର,୨୨।୫: ଜଣେ ୩ ମାସର ଶିଶୁଠାରେ ସଫଳ ରେଟିନା ଅସ୍ତ୍ରୋପଚାର କରି କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ (କିମ୍ସ) ଡାକ୍ତର ପ୍ରଶଂସା ସାଉଁଟିଛନ୍ତି। କିମ୍ସ ଶିଶୁରୋଗ ବିଭାଗରେ ଭର୍ତ୍ତି ହୋଇଥିବା ଜଣେ ୩ ମାସର ଶିଶୁଠାରେ ଦୃଷ୍ଟିଶକ୍ତି ଉପରେ ସନ୍ଦେହ ହେବାରୁ ଶିଶୁଟିର ରେଟିନା ସ୍କ୍ରିନିଂ କରାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ସ୍କ୍ରିନିଂରେ ଶିଶୁର ଦୃଷ୍ଟିଶକ୍ତିରେ ଆବଶ୍ୟକତା ଅନୁସାରେ ଉନ୍ନତି ଘଟୁ ନ ଥିବାରୁ ଶିଶୁଟି ଦେଖିବାକୁ ସମ୍ପୂର୍ଣ୍ଣ ଅସମର୍ଥ ବୋଲି ଡାକ୍ତରମାନେ ଜାଣିବାକୁ ପାଇଥିଲେ। ଚକ୍ଷୁ ଚିକିତ୍ସା ବିଭାଗର ରେଟିନା ସର୍ଜନ ଡା. ମନ୍ମଥ କୁମାର ଦାସଙ୍କ ପ୍ରୟାସ କ୍ରମେ ଶିଶୁକୁ ଲେଜର ପ୍ରଣାଳୀରେ ଚିକିତ୍ସା କରାଯାଇଥିଲା ଓ ପରେ ଡା. ଦାସ ଶିଶୁର ବାମ ଆଖିରେ ଅସ୍ତ୍ରୋପଚାର କରିଥିଲେ। ଶିଶୁର ବୟସ ମାତ୍ର ୩ ମାସ ହୋଇଥିବାରୁ ଏଭଳି ଅସ୍ତ୍ରୋପଚାର ଯଥେଷ୍ଟ ଜଟିଳ ଓ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ତେବେ ଡା. ଦାସଙ୍କ ନେତୃତ୍ୱରେ କିମ୍ସ ଶିଶୁ ରୋଗ ବିଭାଗର ଡା. ସନ୍ତୋଷ ପଣ୍ଡା, ଡ. ଶାଶ୍ୱତୀ ଦାସଙ୍କୁ ନେଇ ୫ ଜଣିଆ ଡାକ୍ତରୀ ଦଳ ଦୀର୍ଘ ୧ଘଣ୍ଟା ସମୟ ପରିଶ୍ରମ କରି ଶିଶୁଠାରେ ରେଟିନା ଅସ୍ତ୍ରୋପଚାର କରିବାରେ ସଫଳ ହୋଇଥିଲେ। ଏବେ ଶିଶୁଟି ଭଲ ଅଛି ଓ ଦେଖିପାରୁଥିବା ଜଣାପଡ଼ିଛି। ଓଡ଼ିଶାରେ ଏଭଳି ଅସ୍ତ୍ରୋପଚାର ପ୍ରଥମ ବୋଲି ଡା. ଦାସ କହିଛନ୍ତି। ଜଣେ ମାଆ ୩୭ରୁ ୪୦ ସପ୍ତାହ ଭିତରେ ସ୍ୱାଭାବିକ ଭାବେ ଶିଶୁକୁ ଜନ୍ମ ଦେଇଥାଏ। ଏହା ଠାରୁ କମ୍ ଦିନ ମଧ୍ୟରେ ଜନ୍ମ ହେଉଥିବା ଶିଶୁଙ୍କୁ ଅପରିପକ୍ୱ ବୋଲି କୁହାଯାଇଥାଏ। ୧୭୫୦ ଗ୍ରାମରୁ କମ୍ ଓଜନ ଥିଲେ ଏହି ଶିଶୁଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥାଏ। ସେମାନଙ୍କ ମଧ୍ୟରୁ ଅନେକଙ୍କ ଦୃଷ୍ଟି ଶକ୍ତି ନଷ୍ଟ ହେବାର ଆଶଙ୍କା ଥାଏ। ତେବେ ଠିକ୍ ସମୟରେ ରେଟିନା ସ୍କ୍ରିନିଂ କରାଗଲେ ଶିଶୁଙ୍କଠାରେ ଥିବା ଦୃଷ୍ଟି ଜନିତ ସମସ୍ୟା ଜଣାପଡ଼ିଥାଏ ଓ ସଫଳ ଚିକିତ୍ସା କରାଯାଇପାରେ ବୋଲି ଡା. ଦାସ ସୂଚନା ଦେଇଛନ୍ତି। ରାଜ୍ୟ ବାହାରେ ଏହି ଚିକିତ୍ସା ପାଇଁ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବା ବେଳେ କିମ୍ସରେ ଅତ୍ୟାଧୁନିକ ପଦ୍ଧତିରେ ଓ କମ୍ ଖର୍ଚ୍ଚରେ ହୋଇପାରୁଛି। ଅସ୍ତ୍ରୋପଚାର ପରେ ଶିଶୁଟିର ବାପା, ମାଆ ଖୁସି ବ୍ୟକ୍ତ କରିବା ସହ ଡା. ଦାସ ଓ ତାଙ୍କ ଡାକ୍ତରୀ ଦଳକୁ କୃତଜ୍ଞତା ଜଣାଇଛନ୍ତି। ଅପରପକ୍ଷରେ କିମ୍ସରେ ଏଭଳି ବିରଳ ଓ ସଫଳ ଅସ୍ତ୍ରୋପଚାର କରିଥିବାରୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶିଶୁର ଆରୋଗ୍ୟ କାମନା କରିବା ସହ ସର୍ଜନ ମନ୍ମଥ କୁମାର ଦାସ ଓ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି।

# ବିକ୍ରମ ଆରୁଖଙ୍କୁ ଅର୍ଥ, ସୁଦାମ ମାରାଣ୍ଡିଙ୍କୁ ସ୍କୁଲ ଓ ଗଣ ଶିକ୍ଷା ବିଭାଗ : ସାରଦା ନାୟକଙ୍କୁ ଶ୍ରମ ବିଭାଗ

ଭୁବନେଶ୍ୱର, ୨୨।୫(ପି.ଏନ): ନୂତନ ମନ୍ତ୍ରୀ ମାନଙ୍କର ଶପଥ ଗ୍ରହଣ କରିବା ପରେ ସେମାନଙ୍କୁ ଦିଆଯାଇଥିବା ଦାୟିତ୍ୱ ନେଇ ଘୋଷଣା କରାଯାଇଛି । ବିକ୍ରମ କେଶରୀ ଆରୁଖଙ୍କୁ ଅର୍ଥ ବିଭାଗ ପ୍ରଦାନ କରାଯାଇଥିବା ବେଳେ ସୁଦାମ ମାରାଣ୍ଡିଙ୍କୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପ୍ରଦାନ କରାଯାଇଛି। ସେହିପରି ଶାରଦା ନାୟକଙ୍କୁ ଶ୍ରମ ବିଭାଗର ଦାୟିତ୍ୱ ପ୍ରଦାନ କରାଯାଇଛି । ବର୍ତ୍ତମାନ ଯାଏ ଅର୍ଥ ମନ୍ତ୍ରୀ ଦାୟିତ୍ୱ ସମ୍ଭାଳୁଥିବା ନିରଂଜନ ପୁଜାରୀଙ୍କ ଠାରୁ ଏହି ବିଭାଗ ନିଆଯାଇ ତାହା ବିକ୍ରମ ଆରୁଖଙ୍କୁ ପ୍ରଦାନ କରାଯାଇଛି। ନିରଂଜନ ପୁଜାରୀଙ୍କ ନିକଟରେ ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ବିଭାଗ ରହିଛି।

# ଯୁକ୍ତ ଦୁଇ ଶ୍ରେଣୀରେ ୧୩୪୬୮ଟି ସିଟ୍ ବୃଦ୍ଧି, ଅପଗ୍ରେଡ୍ ହେଲା ୧୦୬ଟି ହାଇସ୍କୁଲ



ଭୁବନେଶ୍ୱର,୨୨।୫(ପି.ଏନ): ଚଳିତ ଶିକ୍ଷାବର୍ଷରେ ରାଜ୍ୟରେ ମାଟ୍ରିକ ପରୀକ୍ଷାରେ ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବାପରେ ରାଜ୍ୟ ସରକାର ଆଜି ଯୁକ୍ତ ଦୁଇ ଅବା ଏକାଦଶ ଶ୍ରେଣୀରେ ସିଟ୍ ସଂଖ୍ୟାରେ ବୃଦ୍ଧି କରିଛନ୍ତି । ୧୦୬ଟି ହାଇସ୍କୁଲରେ ଏକାଦଶ ଶ୍ରେଣୀ(କଳା ଓ ବିଜ୍ଞାନ ବର୍ଗରେ)ରେ ମୋଟ ୧୩୪୬୮ଟି ନୂଆ ସିଟ୍ ସୃଷ୍ଟି କରିଛନ୍ତି । ଗତ ୪ଦିନ ତଳେ ଓଡିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ୯୬.୪ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲେ । ଏତେ ସଂଖ୍ୟକ ପିଲା ପାସ୍ କରିଥିବାରୁ ଚଳିତ ଶିକ୍ଷାବର୍ଷରେ ରାଜ୍ୟରେ ଯୁକ୍ତ ଦୁଇ ଶ୍ରେଣୀରେ ସିଟ୍ ଅଭାବ ଦେଖାଦେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା ।ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ସୂଚନା ଅନୁସାରେ, ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟରେ ୧୦୦ଟି ହାଇସ୍କୁଲରେ ଏକାଦଶ ଶ୍ରେଣୀରେ କଳା ଓ ୬ଟି ହାଇସ୍କୁଲରେ ଏକାଦଶ ଶ୍ରେଣୀରେ ବିଜ୍ଞାନ ବିଷୟରେ ଶିକ୍ଷାଦାନ କରାଯିବ । ଏଥିପାଇଁ ସମ୍ପୃକ୍ତ ସ୍କୁଲଗୁଡିକୁ ଉନ୍ନୀତିକରଣ କରାଯାଇଛି । ଏହି ସ୍କୁଲଗୁଡିକରେ ଏକାଦଶ ଶ୍ରେଣୀରେ ୨ଟି ଲେଖାଏଁ ସେକ୍ସନ୍ ଖୋଲିବାକୁ ନିଷ୍ପତ୍ତି ହୋଇଛି । ପ୍ରତ୍ୟେକ ସେକ୍ସନରେ ୬୪ଜଣ ଲେଖାଏଁ ପିଲା(ମୋଟ ୧୨୮ଟି ସିଟ) ନାମ ଲେଖାଇ ପାରିବେ । ଏହା ଦ୍ୱାରା ରାଜ୍ୟର ୧୦୬ଟି ସରକାରୀ ସ୍କୁଲରେ ମୋଟ ୧୩୪୬୮ଟି ସିଟ୍ ନାମଲେଖା ପାଇଁ ବୃଦ୍ଧି ପାଇବ । ସମ୍ପୃକ୍ତ ହାଇସ୍କୁଲଗୁଡିକର ପ୍ରଧାନ ଶିକ୍ଷକମାନେ ଏବେ ଭାରପ୍ରାପ୍ତ ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ରାଜ୍ୟସ୍ତରରେ ପ୍ରଶିକ୍ଷଣ ଦିଆଯାଇଛି । ଏହି ସ୍କୁଲଗୁଡିକରେ ଶିକ୍ଷାଦାନ ନିମନ୍ତେ ଅତିଥି ଶିକ୍ଷକଙ୍କୁ ନିୟୋଜନ କରିବାକୁ ସ୍କୁଲସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି ।

# ସାଇବର ଠକେଇ : ୯୫ହଜାର ଟଙ୍କା ଲୁଟ୍

ଧର୍ମଶାଳା,୨୨।୫(ପି.ଏନ): ଦିନକୁ ଦିନ ସାଇବର ଠକେଇ ରୋକିବାରେ ନାଁ ନେଉ ନାହିଁ । ଜଣେ ବ୍ୟବସାୟୀଙ୍କ ଏକାଉଂଟରୁ ୯୫ ହଜାର ଟଙ୍କା ଗାଏବ ହୋଇଯାଇ ଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜାରକା ପଂଚାୟତ ଦୁବଗାଡିଆରେ। ଏହି ଗ୍ରାମର ରହୁଥିବା ଅୟସକାନ୍ତ ରାୟଙ୍କ ଷ୍ଟେଟ ବ୍ୟାଙ୍କ ଖାତାରୁ କୌଣସି ଦୁର୍ବୃତ୍ତ ପରେ ପରେ ମୋଟ ୯୫ ହଜାର ଟଙ୍କା ଲୁଟି ନେଇଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ସେ ଜାରକାଭାରତୀୟ ଷ୍ଟେଟ ବ୍ୟାଙ୍କ ପରିଚାଳକଙ୍କ ନିକଟରେ ଦୃଷ୍ଟି ଆକର୍ଷଣ କରିବା ସହିତ ଭୁବନେଶ୍ୱରସ୍ଥିତ ସାଇବର ଥାନାରେ ଅଭିଯୋଗ କରିଛନ୍ତି ।ଅଭିଯୋଗ ମୁତାବକ, ଶ୍ରୀରାୟ ଜାରକା ଏସବିଆଇ ଶାଖାରେ ଥିବା ଜମା ଖାତାରେ ଟଙ୍କା ଦେଣନେଣ କରିଥାନ୍ତି । ଗତ ମସ ଏପ୍ରିଲ ମାସ୧୮ ତାରିଖ ମଧ୍ୟରେ ତାଙ୍କ ଚଳନ୍ତି ଖାତାରୁ କେହି ଦୁର୍ବୃତ୍ତ ପର୍ଯ୍ୟାୟ କ୍ରମେ ୮ଟି ଥରରେ ମୋଟ ୯୫ହଜାର ଟଙ୍କା ଉଠାଇ ନେଇଛନ୍ତି । ଏପ୍ରିଲ ମାସ ୧୮ ତାରିଖରେ ୨ଥର ୬ ହଜାର,୧୯ ତାରିଖରେ୩ ହଜାର,୨୦ ତାରିଖରେ ୯ହଜାର,୨୬ ତାରିଖରେ ୧୫ ହଜାର , ୨୮ ତାରିଖରେ ୨ଥର ୨୦ ହଜାର ଲେଖାଁ ଓ ମଇ ମାସ ୪ ତାରିଖରେ ୪୫ ହଜାର ଟଙ୍କା ଡେବିଟ କାର୍ଡ ମାଧ୍ୟମରେ ଉଠା ଯାଇଛି । ତେବେ ଟଙ୍କା ଉଠିବା ନେଇ ତାଙ୍କ ନିକଟକୁ କୌଣସି ଓଟିପି ଓ ମ୍ୟାସେଜ ଆସି ନାହିଁ । ଏବଂ ଡେବିଟ କାର୍ଡ ତାଙ୍କ ନିକଟରେ ରହିଥିବା ବେଳେ ଏହି ଟଙ୍କା କେମିତି ଉଠିଲା ବୋଲି ସେ ଅଭିଯୋଗ କରିଛନ୍ତି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧ୍ୱରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଭିଏତ୍‌ନାମା ଭଳି ଦେଶରେ ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଶିଶୁମାନଙ୍କୁ ମା'ର ଦୁଧ୍ୱ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧ୍ୱର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |




# ଅବହେଳିତ କେନ୍ଦ୍ରାପଡ଼ାର ଭାଗ୍ୟ କ'ଣ ବଦଳିବନି !



ସମୁଦ୍ର, ନଦୀ, ନାଳ, ବନାନୀ ଘେରା ଚିର ଅବହେଳିତ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିବିଧ ସମସ୍ୟାର ଗର୍ଭ ମଧ୍ୟରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାନୀୟଜଳ, ସଂଚାର, ଦାରିଦ୍ର୍ୟ, ବେକାରୀ ଆଦି ମୌଳିକ ସମସ୍ୟା ଉକ୍ରଟ ରୂପ ଧାରଣ କରିଥିବା ବେଳେ ୧୯୯୯ର ପ୍ରଳୟଙ୍କରୀ ବାତ୍ୟା ଜିଲ୍ଲାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏପରିକି କେବିକେ ବ୍ୟତୀତ ଅନ୍ୟ ୨୨ଟି ଜିଲ୍ଲା ମଧ୍ୟରେ ଏହି ଜିଲ୍ଲା ଲୋକଙ୍କର ମୌଳିକ ସମସ୍ୟା ସବୁଠୁ ଆଗରେ ରହିଛି। ବଙ୍ଗୋପସାଗର କୂଳବର୍ତ୍ତୀ ଏହି ଜିଲ୍ଲାର ଭୌଗୋଳିକ ଆୟତନ ୨୬୪୪ ବର୍ଗ କିଲୋମିଟର ଓ ଏହାର ଉପକୂଳବର୍ତ୍ତୀ ସୀମା ୪୮୦ କିଲୋମିଟର। ଏହି ଜିଲ୍ଲାର ଲୋକସଂଖ୍ୟା ୧୪ ଲକ୍ଷରୁ ଅଧିକ। ଏହାର ଜଙ୍ଗଲ ପରିମାଣ ୧୯୯୩୯ ବର୍ଗ କିଲୋମିଟର ହୋଇଥିବା ବେଳେ ଚାଷ ଉପଯୋଗୀ ଜମି ପରିମାଣ ୧ଲକ୍ଷ ୮୨ ହଜାର ୧୮୪ହେକ୍ଟର ରହିଛି। ମୋଟ ୨୪୯ଟି ଗ୍ରାମପଂଚାୟତ ଅନ୍ତର୍ଗତ ୧୫୫୨ଟି ଗ୍ରାମ ରହିଛି ଏହି ଜିଲ୍ଲାରେ। ଗତ ମହାବାତ୍ୟାରେ କ୍ଷତିଗ୍ରସ୍ତ ତାଲିକାରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ଜଗତସିଂହପୁର ଜିଲ୍ଲାର ପଛକୁ ରହିଥିଲା। ଶିଳ୍ପବିହୀନ ଏହି ଜିଲ୍ଲା ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ସ୍ୱାଧୀନତା ପରଠାରୁ ସଂଘର୍ଷ କରିଆସୁଥିଲେ ହେଁ ସମୟ ଓ ପରିସ୍ଥିତି ଜିଲ୍ଲାବାସୀଙ୍କୁ ଭୋକ ଉପାସରେ ରହି ଜିଇଁବାକୁ ବାଧ୍ୟ କରିଚାଲିଛି।

ଏଠାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବହୁ ଅଧିକ ଥିଲାବେଳେ ନିଯୁକ୍ତି ହାର ସବୁଠୁ କମ୍ ରହିଛି। ଦାରିଦ୍ର୍ୟ ଦୂରୀକରଣ ଯୋଜନା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍‌ସେବା, ସଂଚାର ସେବା,



ଯୋଗାଯୋଗ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ଏଠାରେ ଥିବା ବିଶ୍ୱବିଖ୍ୟାତ କଇଁଛ ଓ କୁମ୍ଭୀର ପ୍ରଜନନ କେନ୍ଦ୍ର ତଥା ଭିତରକନିକା ପ୍ରାଣୀ ଅଭୟାରଣ୍ୟ ଓ ସାମୁଦ୍ରିକ ଅଭୟାରଣ୍ୟର ଆବଶ୍ୟକୀୟ ଉନ୍ନତି ହୋଇପାରୁନାହିଁ। ପ୍ରାକୃତିକ ଦୃଶ୍ୟ ରାଜିରେ ଭରା ଅଭୟାରଣ୍ୟ, କମନୀୟ ସମୁଦ୍ର ବେଳାଭୂମି ଓ ସମୁଦ୍ର ତଟରେ ଯେଭଳି ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଛି, ତା'ର ଉପଯୁକ୍ତ ଉପଯୋଗ ହେଲେ ଜିଲ୍ଲାର ଆର୍ଥିକ ପ୍ରଗତି ସମ୍ଭବ ହୋଇପାରନ୍ତା।

ଜିଲ୍ଲାରେ ସରକାରୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀତା ଉପରେ ବ୍ୟାପକ ସମୀକ୍ଷା ହେଉନଥିବାରୁ ପ୍ରକୃତ ହିତାଧିକାରୀମାନେ ଉପକୃତ ହୋଇପାରୁନାହାଁନ୍ତି। ଯେଉଁଥିପାଇଁ ଜିଲ୍ଲାର ପ୍ରାୟ ୨ ଲକ୍ଷ ବେକାର ଶିକ୍ଷିତ ଯୁବକ/ଯୁବତୀ/ବ୍ୟକ୍ତି ଦେଶ ବିଦେଶର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ୧୯୬୭ ଓ ୧୯୭୨ ସାମୁଦ୍ରିକ ମହାପ୍ଲାବନରେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇର ଅନେକ ଧନ-ଜୀବନ ନଷ୍ଟ ହୋଇଥିବା ବେଳେ ୧୯୮୨ ସାମୁଦ୍ରିକ ଜୁଆରରେ ଉପକୂଳବାସୀଙ୍କର ପ୍ରଭୂତ କ୍ଷୟକ୍ଷତି ହୋଇଥିଲା। ଉପକୂଳବାସୀଙ୍କର ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ୧୯୭୨ ଏପ୍ରିଲ୍ ୪ରେ ଧାମରା ଠାରୁ ପାରାଦୀପ ପର୍ଯ୍ୟନ୍ତ ବରୁଣେଇ ଦେଇ ବିଶାଳ ପଥର ପନ୍ଧ ନିର୍ମାଣ କରାଇବାକୁ ଘୋଷଣା କରିଥିଲେ। ମାତ୍ର ଏଯାଏ ତାହା ସମ୍ଭବ ହୋଇପାରିନାହିଁ। ପ୍ରତି ମୁହୂର୍ତ୍ତରେ ଧ୍ୱଂସ ପାଇ ଚାଲିଛି ଉପକୂଳ ଝାଉଁଜଙ୍ଗଲ। ୧୯୮୦ ରେ ବରୁଣେଇ ନିକଟସ୍ଥ ଜଗରିଜୋର ଠାରେ ସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ସହାୟତାରେ ବିଶାଳ ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ନଡ଼ିଆ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ମାତ୍ର ଅତି ଶୀଘ୍ର ଏହି ପ୍ରକଳ୍ପ ବିଫଳ ହୋଇଥିଲା। ପୁନଶ୍ଚ ୧୯୯୪ରେ ସେହି ସ୍ଥାନରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ବାକି ଥିବା ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ଚିଙ୍ଗୁଡ଼ି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ହେଲେ ଅଳ୍ପ କିଛି ବର୍ଷ ପରେ ଏହି ପ୍ରକଳ୍ପ ମଧ୍ୟ ବିଫଳ ହୋଇଥିଲା। ଆଜି ପର୍ଯ୍ୟନ୍ତ ଉକ୍ତ ଦୁଇଟି ପ୍ରକଳ୍ପର ବିଫଳତା ସଂପର୍କରେ କୌଣସି ସମୀକ୍ଷା ହୋଇନାହିଁ। ସଂପ୍ରତି ଜିଲ୍ଲାରେ ରାସ୍ତାଘାଟ ସମସ୍ୟା ଗମ୍ଭୀର ରହିଛି। ଆଜି ମଧ୍ୟ ବିଭିନ୍ନ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ବହୁ ରାସ୍ତା କିଛି ବର୍ଷ ତଳୁ ମରାମତି ହୋଇନାହିଁ। ୧୦ ରୁ ଊର୍ଦ୍ଧ୍ୱ ନିର୍ମାଣାଧିନ





ନଦୀ ସେତୁ ଦୀର୍ଘ ବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଯେଉଁଥିପାଇଁ ହଜାର ହଜାର ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସମୁଦ୍ର ତଟବର୍ତ୍ତୀ ଗାଁ ଗୁଡ଼ିକର ଅବସ୍ଥା ଭାରି ସାଂଘାତିକ। ଇତିମଧ୍ୟରେ ଅନେକ ଗାଁ ସମୁଦ୍ର ଓ ନଦୀର ମହାପ୍ଲାବନରେ ମିଳେଇ ଯାଇଛି। ସାତଭାୟା ଅଂଚଳର ଅଧିକାଂଶ ଗ୍ରାମ ସମୁଦ୍ରର ମହାପ୍ଲାବନରେ ଲୀନ ହୋଇଯାଇଥିବାବେଳେ ବାକି ଥିବା ଗାଁଗୁଡ଼ିକ କେଉଁ ମୁହୂର୍ତ୍ତରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ, ତାହା ଭଗବାନଙ୍କୁ ଜଣା। ଲୁଣା ଘେରିବନ୍ଧ ଖୁବ୍ ଦୁର୍ବଳ ଥିବାରୁ ସମୁଦ୍ରରୁ ଲୁଣାପାଣି ଆସି ଭେଡ଼ା ଭିତରେ ପଶୁଛି ଓ ଅକାଳରେ ଫସଲ ହାନୀ ହେଉଛି। ସେହିପରି ବନ୍ୟା ଘେରିବନ୍ଧ ଅତି ଦୁର୍ବଳ ଯୋଗୁ ଲକ୍ଷ ଲକ୍ଷ ଲୋକେ ବନ୍ୟା ପୀଡ଼ିତ ହୋଇଥାନ୍ତି ଓ ବେଳେ ବେଳେ ସର୍ବସ୍ୱାନ୍ତ ବି ହୁଅନ୍ତି। ଜଳସେଚନ ବ୍ୟବସ୍ଥା ଜିଲ୍ଲାବାସୀଙ୍କ ପାଇଁ ଯେମିତି ସ୍ୱପ୍ନ ହୋଇଛି। କେତେକ ଅଂଚଳରେ ଅନେକ ବର୍ଷ ତଳେ କେନାଲ୍ ଖୋଳା କାମ ଆରମ୍ଭ ହୋଇ ଆଜି ମଧ୍ୟ ତାହା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏପରିକି କେନାଲ୍ ପାଣି ଯୋଗାଇ ଦିଆ ନଯାଇ ମଧ୍ୟ ପ୍ରଜାଙ୍କ ଠାରୁ ଜଳକର ଆଦାୟ କରାଯାଉଥିବା ଅଭିଯୋଗ ହୋଇଥାଏ। ବେଣାକନ୍ଦା ଠାରୁ ତନ୍ତିଆପାଳ ପର୍ଯ୍ୟନ୍ତ ୧୩ କି.ମି. ଗୋବରୀ ନଦୀବନ୍ଧ ଯୋଜନା କାର୍ଯ୍ୟକାରୀ ପାଇଁ ପ୍ରାୟ ୩୦ ବର୍ଷ ତଳେ ନିଷ୍ପତି ନିଆଯାଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏଯାଏ ଏହି ଲୋକହିତକର କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ୍‌ର କେତେକ ଅଂଚଳକୁ ମିଠା ଜଳ ଯୋଗାଇ ବର୍ଷ ତମାମ ଚାଷ କାର୍ଯ୍ୟକୁ ସହଜ କରା ଯାଇପାରନ୍ତା।

ସେହିପରି ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଅବହେଳିତ ବିଶ୍ୱବିଖ୍ୟାତ ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ହେନ୍ତାଳ ଜଙ୍ଗଲ, ଡ଼ାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର, ବତୀଘର, ବ୍ରିଟିସ୍ ବାଣିଜ୍ୟର କୋଠାଘର ହୁକିଟୋଲା ଓ ବରୁଣେଇ ଜଙ୍ଗଲ ଆଦିର ବିକାଶ ସ୍ୱପ୍ନ ହୋଇ ରହିଛି। ଏସବୁକୁ ଏଯାଏ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳି ପାରିନାହିଁ। କ୍ରମେ ଏହି ଜିଲ୍ଲା ଅବହେଳାର ଚରମ ସୀମାକୁ ଟପିଗଲାଣି। ଏଠାରେ ବହୁ ସୁଯୋଗ ରହିଥିଲେ ହେଁ ତାହାର ଉପଯୁକ୍ତ ଉପଯୋଗ ହୋଇ ପାରୁନାହିଁ। ପ୍ରଚୁର ମନୋରମ ପ୍ରାକୃତିକ ସଂପଦ, ମତ୍ସ୍ୟ ସଂପଦ, ବନ୍ୟପ୍ରାଣୀ ସଂପଦ, ପର୍ଯ୍ୟଟନ ସଂପଦ ଓ ବନ୍ଦର ସୁଯୋଗ



ଭଳି ଅନେକ ଦୁର୍ଲଭ ସଂପଦ ଭରପୂର ହୋଇ ରହିଛି ଏହି ଜିଲ୍ଲାରେ। ସଂପ୍ରତି ଜିଲ୍ଲାରେ ଥିବା ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗକୁ ଉପଯୋଗର ଆବଶ୍ୟକତା ରହିଛି। ମାତ୍ର ଏଥିପ୍ରତି କେହି ଦୃଷ୍ଟି ଦେଉ ନାହାଁନ୍ତି। ଏସବୁର ଉପଯୁକ୍ତ ଉପଯୋଗ ହେଲେ, ଜିଲ୍ଲାର ଆର୍ଥିକ ବିକାଶ ହେବା ସହ ଓଡ଼ିଶା ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ପାଇ ପାରନ୍ତେ।

ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ଅର୍ଥନୈତିକ ପ୍ରଗତିର ଚାବିକାଠି କେଉଁଠି ରହିଛି, ସେ ସଂପର୍କରେ ବ୍ୟାପକ ସମୀକ୍ଷାର ଆବଶ୍ୟକତା ରହିଛି। ବିଶେଷ କରି କେନ୍ଦ୍ରାପଡ଼ାର ଭାଗ୍ୟ ଓ ଭବିଷ୍ୟତ ସାଂସଦ ଓ ବିଧାୟକ ମାନଙ୍କ ଇଚ୍ଛା ଶକ୍ତି ଉପରେ ନିର୍ଭର କରୁଛି। ଦୁର୍ଭାଗ୍ୟ ବଶତଃ କିଛିବର୍ଷ ତଳୁ କେନ୍ଦ୍ରାପଡ଼ା ଜିଲ୍ଲା ମନ୍ତ୍ରୀଶୂନ୍ୟ ହୋଇ ରହିଥିଲା। ମାତ୍ର ଏଇ ନିକଟରେ ନୂଆ ମନ୍ତ୍ରୀମଣ୍ଡଳ ଗଠନ ବେଳେ କେନ୍ଦ୍ରାପଡ଼ା ଦୁଇଜଣ ବରିଷ୍ଠ ମନ୍ତ୍ରୀଙ୍କୁ ପାଇଛି। ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ଶକ୍ତି, ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ମିଳିଥିବାବେଳେ ମନ୍ତ୍ରୀ ଅତନୁ ଶବ୍ୟଶାଚୀ ନାୟକଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲାଣ, ସମବାୟ ବିଭାଗ ମନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି। ପୂର୍ବରୁ ଅତନୁ ଶବ୍ୟଶାଚୀ ଏବଂ ପ୍ରତାପ ଦେବ ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବେ ସଫଳଳତାର ସହ କାର୍ଯ୍ୟ ତୁଲାଇଥିଲେ। ତେବେ ଏହି ଦୁଇ ପ୍ରବୀଣ ମନ୍ତ୍ରୀ କେନ୍ଦ୍ରାପଡ଼ାର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରି ଚାଲିବେ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଛି।

**—ଶରତ କୁମାର ରାଉତ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮

# ଖୋରଧାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋକୁଳ ମୋହନ ରାୟଚୁଡ଼ାମଣୀଙ୍କର ଜୟନ୍ତୀ ପାଳନ

ଖୋର୍ଦ୍ଧା (ପିଏନ୍): ଗୋକୁଳମୋହନ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତଃ ଗୋକୁଳ ମୋହନ ରାୟ ଚୁଡ଼ାମଣୀଙ୍କର ୧୧୨ତମ ଜୟନ୍ତୀ ସ୍ଥାନୀୟ ବିଡ଼ିଏ କଲୋନୀ ଛକଠାରେ ପାଳିତ ହୋଇଯାଇଛି । ପ୍ରଥମେ ମୁଖ୍ୟ ଅତିଥି ଖୋର୍ଦ୍ଧାର ବିଧାୟକ ଶ୍ରୀଯୁକ୍ତ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କହିଥିଲେ, ଗୋକୁଳ ମୋହନଙ୍କ ଜୀବନବ୍ୟାପୀ ସାଧନା ସେତେବେଳର ଯୁବପିଢ଼ୀଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେବା ପାଇଁ ଉଦ୍‌ବୁଦ୍ଧ କରିଥିଲା । ତାଙ୍କର ଜନ୍ମଭୂମି ନିମାପଡ଼ାର ଭଦୋର ଗ୍ରାମ ହୋଇଥିଲା ବେଳେ କର୍ମଭୂମି ଥିଲା ଖୋର୍ଦ୍ଧା । ଏକ ଜମିଦାର ବଂଶରେ ୧୯୧୧ ମସିହାରେ ଜନ୍ମଗ୍ରହଣ କରି ଡ଼ାକ୍ତରୀପଢ଼ାର ମୋହମାୟା ଛାଡ଼ି ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଖୋର୍ଦ୍ଧାଠାରେ ସ୍ୱାଧୀନତା ଉତ୍ସବ ପାଳନରେ ସେ ସଭାପତିତ୍ୱ କରିଥିଲେ ।

ସେ ୧୯୩୯ ମସିହାରେ ଗଡ଼ଜାତ ଆନ୍ଦୋଳନ କରି ୨ବର୍ଷ ପାଇଁ ବନ୍ଦୀ ହୋଇଥିଲେ । ୧୯୪୧ରେ ବ୍ୟକ୍ତିଗତ ଆନ୍ଦୋଳନ କରି ୬ ମାସ ଜେଲଦଣ୍ଡ ଭୋଗିଥିଲେ । ୧୯୪୨ରେ ଭାରତ ଛାଡ଼ ଆନ୍ଦୋଳନାରେ ଯୋଗ ଦେଇଥିଲେ । ୧୯୪୩ ମସିହାରେ ଦୁର୍ଭିକ୍ଷ ବେଳେ ଦୁଃଖୀରଙ୍କୀମାନଙ୍କୁ ରିଲିଫ୍ ଯୋଗାଉଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ଖୋର୍ଦ୍ଧାର ବିଭିନ୍ନ ଜଙ୍ଗଲମାନଙ୍କରେ ଲୁଚି ରହୁଥିଲେ । ତାଙ୍କୁ ଧରାଇଦେଲେ ୨୫୦୦ ଟଙ୍କା ଦିଆଯିବ ବୋଲି ଇଂରେଜ ସରକାର ଘୋଷଣା କରିଥିଲେ । ସର୍ବୋପରି ସେ ଲବଣ ସତ୍ୟାଗ୍ରହ, କୃଷକ ଆନ୍ଦୋଳନ, ଗଡ଼ଜାତ ଆନ୍ଦୋଳନ, ଆଇନଅମାନ୍ୟ ଆନ୍ଦୋଳନ, ଭାରତ ଛାଡ଼ ଆନ୍ଦୋଳନ ଇତ୍ୟାଦିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ।

ଏହି ଉତ୍ସବକୁ ଖୋର୍ଦ୍ଧା ବିକାଶ ମଞ୍ଚର ସଭାପତି ଆଇନ୍‌ଜୀବୀ ନରେନ୍ଦ୍ର ପୃଷ୍ଟି ପରିଚାଳନା କରୁଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କ୍ଷୀରୋଦ ପ୍ରସାଦ ମହନ୍ତି, ପୌର ଉପାଧକ୍ଷ ସୌର୍ଯ୍ୟପ୍ରସାଦ ମହାନ୍ତି, ଐତିହାସିକ ସତ୍ୟବାଦୀ ବଳିୟାରସିଂ, ଆମରି ସତ୍ୟର ସମ୍ପାଦକ ପ୍ରମୋଦ ଦାସ, ଉତ୍କଳ ସମ୍ମିଳନୀର ସମ୍ପାଦକ ବିଚିତ୍ର ବଡ଼ଜେନା, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ରାମଶଙ୍କର, ରୋଟାରୀ କ୍ଲବର ସଭାପତି ମିହିର ନାୟକ, ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ମଜୁମଦାର୍, ବରିଷ୍ଠ ନାଗରିକ ମହାସଂଘର ସଭାପତି ବିମଳ ଷଡ଼ଙ୍ଗୀ, ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, କମ୍ୟୁନିଷ୍ଟ ନେତା ଅନନ୍ତ ମଙ୍ଗରାଜ, ଆଇନ୍‌ଜୀବୀ ନୃସିଂହ ମିଶ୍ର, ବିକ୍ରମ ଚମ୍ପତି, ଡ଼. ବୃନ୍ଦାବନ ପଣ୍ଡା, ଶିକ୍ଷକ ନେତା ଯୁଧିଷ୍ଠିର ସାହୁ, ଜବାହର ସୁବୁଦ୍ଧି, ପ୍ରଫୁଲ୍ଲ ସାମନ୍ତରାୟ, ତ୍ରିନାଥ ଚରଣ ସ୍ମୃତି ପରିଷଦ ସମ୍ପାଦିକା ଇତିଶ୍ରୀ ସାହୁ, 'ବିଷୟ'ର ସମ୍ପାଦକ ବାଲାଜୀ ପାତ୍ର, ଓଡ଼ିଶା ସାମ୍ବାଦିକ ସଂଘର ସମ୍ପାଦକ ପ୍ରସନ୍ନ ପାଇକରାୟ, ଏସ୍.ଡ଼ି.ଏ ସ୍କୁଲ ପ୍ରିନିସପାଲ୍ ବି.ଇସ୍ରାଏଲ୍, ଶିକ୍ଷକ ପ୍ରଭାତ ରଥ, ସ୍ୱର୍ଗତଃ ଗୋକୁଳମୋହନଙ୍କ କନ୍ୟା ମନ୍ଦିରାରାୟ ଚୁଡ଼ାମଣି, ସମାଜସେବୀ କୃଷ୍ଣ ହରିଚନ୍ଦନ, ପ୍ରକାଶ ପରିଡ଼ା, ପ୍ରଫୁଲ୍ଲ ସେଠୀ, ରବୀନ୍ଦ୍ର ବେଉରା, ଅଧାପକ ଗୋପାଳକୃଷ୍ଣ ଦାସ, ପ୍ରମୁଖ ଉପସ୍ଥିତ ରହି ଗୋକୁଳ ମୋହନଙ୍କର ସ୍ମୃତିଚାରଣ କରିଥିଲେ ।

# ଚଣ୍ଡିଖୋଲ ଛକ ଏକ ମରଣଯନ୍ତା ପାଲଟିଛି: ପ୍ରଶାସନ ନୀରବ



ଚଣ୍ଡିଖୋଲ (ପି.ଏନ)-ଯାଜପୁର ଜିଲାର ଚଣ୍ଡିଖୋଲ ଛକ ହେଉଛି ୩ଟି ଜାତୀୟ ରାଜପଥର କେନ୍ଦ୍ରସ୍ଥଳ। ଏଠାରେ ୧୬ ନମ୍ବର, ୫୩ ନମ୍ବର ଓ ପାରାଦ୍ୱୀପ ବନ୍ଦର ପର୍ଯ୍ୟନ୍ତ ଯାଇଥିବା ରାସ୍ତା କେନ୍ଦ୍ରସ୍ଥଳ। ଜିଲାର ଟ୍ରାଫିକ୍ ଥାନା ଥିଲେ ମଧ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ୧୬ ନମ୍ବର ଜାତୀୟ ରାଜପଥର ୨ଟି ରାସ୍ତାକୁ ବନ୍ଦ କରି ୫୩ ନମ୍ବର ଜାତୀୟ ରାଜପଥ ପାଇଁ ୨ଟି ବ୍ରିଜ୍ କାର୍ଯ୍ୟକରାଯାଇ ଅଛି। ଏଠାରେ ବ୍ରିଜ୍ କାମ ଠିକ୍ ସମୟରେ ସରୁନଥିବାରୁ ରାସ୍ତାରେ ଯାତାୟତ କରୁଥିବା ବସ୍, ଟ୍ରକ୍, ୪ ଚକିଆ ଯାନ ଓ ୨ ଚକିଆ ବାଇକ୍ ଆରୋହୀମାନେ ବଡ଼ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଜାତୀୟ ରାଜପଥ ଉପରେ ୭ଟି ଲେଖାଏଁ ଲାଗି ହମ୍ପସ୍ ତିଆରି କରାଯାଇଥିବାରୁ ବାଇକ୍ ଆରୋହୀମାନେ ଦୁର୍ଘଟଣା ପଡୁଛନ୍ତି। ୫୩ ନମ୍ବର ଜାତୀୟ ରାଜପଥର କାର୍ଯ୍ୟରତ ଠିକାଦାରର ମନମୁଖି କାର୍ଯ୍ୟରାସ୍ତା କାର୍ଯ୍ୟସଂପୂର୍ଣ୍ଣ ହୋଇ ପାରୁ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ୧୬ ନମ୍ବର ଜାତୀୟ ରାଜପଥ ଉପରେ ପରିବା ମାର୍କେଟ୍ ଓ ରାସ୍ତାର ଉଚ୍ଚ ସ୍ଥାନରେ ବିଭିନ୍ନ ବ୍ୟବସାୟୀମାନେ ଦୋକାନ ଖୋଲୁଥିବାରୁ ଯାତ୍ରୀମାନେ ଯାତାୟାତ କରିବା କଷ୍ଟକର ହେଉଅଛି। ଏହି ରାସ୍ତାଦେଇ ମନ୍ତ୍ରୀ, ବିଧାୟକ, ଯାଜପୁର ଜିଲାପାଳ, ଆରକ୍ଷୀ ଅଧିକ୍ଷକ ଯାଉଥିଲେ ମଧ ସେମାନଙ୍କର ଦୃଷ୍ଟି ପଡୁନାହିଁ ବୋଲି ଦେଖିବାକୁ ମିଳୁଛି। ଏଠାରେ ଟ୍ରାଫିକ୍ ପଂଏଟ୍ ଥିଲେ ମଧ ଟ୍ରାଫିକ୍ ନିୟମକୁ କେହି ମାନୁନାହାଁନ୍ତି ଯଦ୍ୱାରା ଦୁର୍ଘଟଣା ବଢ଼ିବାରେ ଲାଗିଛି। ରାତ୍ର ସମୟରେ ଟ୍ରାଫିକକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ଲାଇଟ୍ କୋଷ୍ଟ ଲଗାଯାଇଛି ସେ ଲାଇଟ୍ ନଜଳି ଅନ୍ଧାର ମଧରେ ଗତି କରୁଛି। ୪ ଚକିଆ ଯାନ ଅଟୋ ରିକ୍ସା ରହିବା ପାଇଁ ଗୋଟିଏ ସ୍ଥାନ ନିରୁପଣ କରାଯାଇନାହିଁ। ସେମାନେ ମନଇଚ୍ଛା ତାଙ୍କ ଗାଡ଼ିକୁ ନିଜ ଇଚ୍ଛା ଅନୁସାରେ ରଖୁଛନ୍ତି। ଜାତୀୟ ରାଜପଥ କଡ଼ରେ ଯେଉଁମାନଙ୍କର କୋଠାଘର ରହିଛି ସେମାନେ ଜାତୀୟ ରାଜପଥ ଜମିକୁ ବେଆଇନ୍ ଭାବେ ଦଖଲ କରି ଘର ତିଆରି, କେବିନ୍ ପକାଇ ଭଡ଼ା ଲଗାଉଛନ୍ତି ଯଦ୍ୱାରା କୌଣସି ସ୍ଥାନରେ ଫାଙ୍କା ନଥିବାର ଦେଖାଯାଉଛି। ଚଣ୍ଡିଖୋଲ ଛକର ସୌନ୍ଦର୍ଯ୍ୟ ଓ ସୁରକ୍ଷା ଜାତୀୟ ରାଜପଥର ରାସ୍ତାକାର୍ଯ୍ୟ, ବ୍ରିଜକୁ ତୁରନ୍ତ ନିର୍ମାଣ ପାଇଁ ଓ ସରକାରୀ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତିମାନଙ୍କ ଉପରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜାତୀୟ ରାଜପଥର ମୁଖ୍ୟ ଅଧିକାରୀ, ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକ ଏହାଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏ ଅଂଚଳର ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ ଦୃଢ଼ଦାବୀ କରିଛନ୍ତି।

# ଶୀତଳ ଭଣ୍ଡାର ପ୍ରତିଷ୍ଠା ଓ ପାସେଞ୍ଜର ଟ୍ରେନ ଚାଲୁ କରିବା ପାଇଁ ସିପିଆଇର ଦାବି




କେନ୍ଦ୍ରାପଡ଼ା (ପିଏନ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ୯ମ ଜିଲ୍ଲା ସମ୍ମିଳନୀ ଦୁଇଦିନ ଧରି କେନ୍ଦ୍ରାପଡା ସହରର ଶ୍ରୀ ବଳଦେବଜୀଉ କଳା ଓ ସଂସ୍କୃତି ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ବର୍ଷୀୟାନ କମ୍ୟୁନିଷ୍ଟ ନେତା ଶିବାଜୀ ପଟ୍ଟନାୟକ, ପ୍ରହଲ୍ଲାଦ ସେଠୀ, ନିରଞ୍ଜନ ଷଡଙ୍ଗୀ ପ୍ରମୁଖ ସାଥିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା । କେନ୍ଦ୍ରାପଡା ଜିଲ୍ଲାରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବା, କେନ୍ଦ୍ରାପଡାକୁ ଯାତ୍ରୀବାହୀ ରେଳ ଚଳାଚଳ କରିବା ଓ ଏଠାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା ପାଇଁ ବୈଠକରେ ଦାବି କରାଯାଇଛି । ସି.ପି.ଆଇ. ଜିଲ୍ଲା ସଂପାଦକ ରମଣୀରଞ୍ଜନ ରାଉତରାୟ ବିଗତ ଦିନର କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ ସହ ପ୍ରତି ୩ ବର୍ଷରେ ଥରେ ଜିଲ୍ଲା, ରାଜ୍ୟ ଓ ଦେଶରେ ସମ୍ମିଳନୀ ହୋଇ ସାଙ୍ଗଠନିକ ଏବଂ ରାଜନୈତିକ କାର୍ଯ୍ୟକ୍ରମର ନିର୍ଦ୍ଧାରଣ ସହିତ ବର୍ତ୍ତମାନ ଯେଭଳି ଦରଦାମ ବୃଦ୍ଧି, ବିଜୁଳି କାଟ ଚାଲିଛି ଓ ବିଜୁଳି ଦରବୃଦ୍ଧି ଏବଂ ଚାଷୀକୁ ଫସଲର ଉଚିତ ଦର ମିଳୁନାହିଁ, ବେକାର ଯୁବକ/ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ, ସମ୍ବିଧାନର ସୁରକ୍ଷା, ଦେଶରେ ଭାଇଚାରା ରକ୍ଷା ଉପରେ ବିଜେପି ଓ ବିଜେଡି ସରକାର ସଂପୂର୍ଣ୍ଣ ବିଫଳ ହୋଇଥିବା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ବର୍ଷ ସମ୍ମିଳନୀରେ ୧୫୦ ପ୍ରତିନିଧି ଯୋଗଦେବା ସହିତ ନୂଆବସଷ୍ଟାଣ୍ଡଠାରୁ ସକାଳ ୮ଟା ୩୦ ମିନିଟରେ ଏକ ଶୋଭାଯାତ୍ରାରେ ଏକ ହଜାରରୁ ଊର୍ଦ୍ଧ୍ୱ ସାଥି ଯୋଗଦେଇଥିଲେ। ଏଥିରେ ରାଜ୍ୟ ସଂପାଦକ ସାଥି ଆଶିଷ କାନୁନଗୋ ଓ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଜୟନ୍ତ ଦାସ ଯୋଗଦେବା ସହିତ ଏଠାରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସହସମ୍ପାଦକ ଆଦିକନ୍ଦ ରାଉଳ, ସୀତାକାନ୍ତ ନାୟକ, ସୋହାନା ବେଗମ, ନିରଞ୍ଜନ ଦାଶ, ମଙ୍ଗୁଳି ଚରଣ ଦାଶ, ବିକାଶ ଚନ୍ଦ୍ର ବେଉରା, ଡାକ୍ତର ବାଘୁରାଇ, ପ୍ରଦୀପ ବେହେରା, ସଂଯୁକ୍ତା ରାଉତ, ଦାମୋଦର ମଳିକ, ହୃଷିକେଶ ମହାପାତ୍ର, ପ୍ରମୋଦ ସାହୁ, ଅମୀୟ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ

ଆନନ୍ଦପୁର (ପିଏନ୍):ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରଂଜନ କୁମାର ସୁତାର, ସବ୍‌ଜଜ୍ ମହେଶ୍ୱତା ପରିଜା, ଏସିଡିଜେଏମ୍ ରଶ୍ମିରେଖାପାତ୍ର ଓ ଜେଏଫ୍ଏଫ୍‌ସି ପ୍ରବୀଣ ହୋତଙ୍କ ଦ୍ୱାରା ଆପୋଷ ସମାଧାନ ମାଧ୍ୟମରେ ବିଭିନ୍ନ ମକଦ୍ଦମାର ଫଇସଲା ହୋଇଥିଲା । ସେହିପରି ଘଷିପୁରା ଗ୍ରାମ ନ୍ୟାୟାଳୟ ଠାରେ ନ୍ୟାୟାଧିକାରୀ ମାନସି ପ୍ରଧାନ ଓ ହାଟଡିହି ଦେୱାନୀ ଆଦାଲତରେ ଜେଏମ୍‌ଏଫ୍‌ସି ପ୍ରତିମା ସାହୁ ଆପୋଷ ସମାଧାନ ମାଧ୍ୟମରେ ମୋଟ୍ ୧୧୩ଟି ମକଦ୍ଦମାରୁ ୩୧ଟି ମକଦ୍ଦମାର ଫଇସଲା କରି ମୋଟ ୧୪୯୦୦୦ଟଙ୍କା ପରିଶୋଧ କରିଥିଲେ । ୬୬୧ଟି ବ୍ୟାଙ୍କ ଋଣ ଆଦାୟ ପ୍ରକ୍ ମକଦ୍ଦମାରୁ ୧୮ଟି ସମାଧାନକରାଯାଇ ସର୍ବମୋଟ୍ ୨୧୬୯୦୦ଟଙ୍କା ପରିଶୋଧ କରାଯାଇଥିଲା । ଆନନ୍ଦପୁର ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟ ପରିଚାଳନା କରାଯାଇଥିବା ବେଳେ ଆଇନ୍ ସେବା କମିଟି ସଦସ୍ୟ ଆଇନଜୀବୀ ବାଇଧର ସେଠୀ, ଓକିଲ ସଂଘ ସଭାପତି ଆଇନଜୀବୀ ଦୟାନିଧି ଦାଶ, ଉପସଭାପତି ରମେଶ ଚନ୍ଦ୍ର ବାରିକ ତାଲୁକ ଆଇନ୍ ସେବା ସମିତିର ଲିଗାଲ ରିଟେରନ ଶଙ୍କର ସାହୁ, ରିଟେନର ଆଡ୍‌ଭୋକେଟ୍ ଭାଗିରଥି ଦାଶ ମହାପାତ୍ର, ହେମରନ ବେହେରା, ସାଇତପନ ସାହୁ, ଭୁବନେଶ୍ୱର ଯେନା, ଶ୍ରୀନାଥ ଘଡେଇ, ସୁଜିତ କୁମାର ମିଶ୍ର, ତାଲୁକ ଆଇନ୍ ସେବା କର୍ମଚାରୀ ଦେବାଶିଷ ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଛିନତାଇ ଅଭିଯୋଗରେ ଜଣେ ଗିରଫ

ଖୋର୍ଦ୍ଧା (ପିଏନ)- ବେଗୁନିଆ ଥାନା ଅନ୍ତର୍ଗତ ଗଡମାଣିତୀର ଗ୍ରାମସ୍ଥିତ ମା ରାମଚଣ୍ଡୀଙ୍କୁ ବାଙ୍କୀ ବ୍ଲକ ବୈଦେଶ୍ୱର ଥାନା ଅନ୍ତର୍ଗତ ଜଗନ୍ନାଥ ପୁର ଗ୍ରାମର ପ୍ରସନ କୁମାର ବରାଡ ନିଜ ପତ୍ନୀଙ୍କ ସହ ଦର୍ଶନ କରିବାକୁ ଆସିଥିଲେ । ସେ ଦର୍ଶନ ସାରି ଫେରୁଥିବା ସମୟରେ ମନ୍ଦିରର ମୁଖ୍ୟ ଫାଟକ ନିକଟରେ ଏକ ପଲସର ବାଇକ ଯୋଗେ ଆସି ଆକାଶ ଦାସ ନିଜ ସାଙ୍ଗ ସହ ଅତର୍କିତ ଭାବରେ ଶ୍ରୀ ବରାଡଙ୍କ ପତ୍ନୀଙ୍କ ବେକରୁ ସୁନା ଚେନ ଝାମ୍ପି ନେଇ ପଳାଇଯାଉଥିଲେ। ଏହି ସମୟରେ ଉଭୟଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଦୁବୃର୍ତ୍ତଙ୍କୁ କାବୁ କରି ପୋଲିସର ଜିମା ଦେଇଥିଲେ। ଏଥିରୁ ଜଣେ ଚତୁରତାର ସହ ଖସି ପଳାଇଥିବା ବେଳେ ପୋଲିସ ଆକାଶଙ୍କୁ ଗିରଫ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥିଙ୍କଠାରୁ ପ୍ରକାଶ ।

# ପାରାଦୀପରେ ଟ୍ରାଫିକ୍ ସମସ୍ୟା ସମାଧାନ ନିମନ୍ତେ ପ୍ରଶାସନକୁ ଦାବୀପତ୍ର ପ୍ରଦାନ



ପାରାଦୀପ (ପିଏନ୍)-ପାରାଦୀପ ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ସାଧାରଣ ଲୋକଙ୍କ ପାଇଁ ଚିନ୍ତାର କାରଣ ହେଲାଣି । ପାରାଦୀପର ଅଠରବାଙ୍କୀଠାରୁ ନେହେରୁ ବଙ୍ଗଳା, ଅଠରବାଙ୍କୀଠାରୁ ଦୋଛକି, ଟର୍ମିନାଲ ଛକରୁ ରଙ୍ଗିଆଗଡ, ଦୋଛକିରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ରାସ୍ତା ଏବେ ଭାରିଯାନ ଦଖଲରେ । ରାସ୍ତାକଡରେ ମାଲମାଲ ଟ୍ରକ୍ ସମେତ ଅନ୍ୟ ଭାରିଯାନ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି । ସାଧାରଣ ଲୋକ ଏହି ରାସ୍ତାରେ ଯିବାଆସିବା କରିବା ବେଳକୁ ଭଗବାନଙ୍କୁ ଡାକି ଯାଆଆସ କରୁଛନ୍ତି । ବିଗତ ୫ ବର୍ଷର ରିପୋର୍ଟରୁ ଜଣାପଡେ ଯେ, ସଡକ ଦୁର୍ଘଟଣାରେ ପ୍ରାୟ ୬୨ ଜଣଙ୍କର ମୃତ୍ୟୁ ଘଟିଲାଣି । କେତେ ଯେ ଦୁର୍ଘଟଣାରେ ଅର୍କମଣ୍ୟ ହେଲେଣି ତାର ହିସାବ ନାହିଁ । ପାରାଦୀପର ବିଭିନ୍ନ ଗଣଅନୁଷ୍ଠାନ ପକ୍ଷରୁ ପାରାଦୀପର ଏହି ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟାର ସମାଧାନ ଏବଂ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରାଯାଇଛି । ହେଲେ ଆଜି ଯାଏ ଏହି ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ । ଏହି ସମସ୍ୟାକୁ ପ୍ରତିଦିନ ଗଣମାଧ୍ୟମରେ ସ୍ଥାନିତ କରୁଥିବା ପାରାଦୀପର ଗଣମାଧ୍ୟମର ପ୍ରତିନିଧି ତଥା କାର୍ଯ୍ୟରତ ସାମ୍ବାଦିକମାନେ ଗୁରୁତ୍ୱର ସହ ନେଇଛନ୍ତି । ଏହି ସମସ୍ୟାର ଆଶୁ ସମାଧାନ ନିମନ୍ତେ ଏକ ଦାବୀପତ୍ର ଜଗତସିଂହପୁରର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହିକ୍ରମରେ କାର୍ଯ୍ୟରତ ସାମ୍ବାଦିକମାନେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଂଚି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ । ଆଗାମୀ କିଛିଦିନ ମଧ୍ୟରେ ଜିଲ୍ଲା ପ୍ରଶାସନ ଯଦି ଏ ଦିଗରେ କୌଣସି ପଦକ୍ଷେପ ନ ନିଏ ତେବେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ବାଧ୍ୟ ହୋଇ ଜାତୀୟ ରାଜପଥ ଅବରୋଧ କରିବାକୁ ଏହି ଦାବୀପତ୍ରରେ ଉଲ୍ଲେଖ କରାଯାଇଛି । ଏହି ଦାବୀପତ୍ର ପ୍ରଦାନ କରିବା ସମୟରେ ଉପସ୍ଥିତ ରହିବାକୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କୁ କୁହାଯାଇଥିଲା । ହେଲେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ନିର୍ଦ୍ଧାରିତ ସମୟରେ ପାରାଦୀପର ଏହି ଅବ୍ୟବସ୍ଥିତ ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଦାବୀପତ୍ର ପ୍ରଦାନ କରିବାକୁ ଯିବା ବେଳେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ତାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ନଥିଲେ । ପାରାଦୀପ ଏକ ଆନ୍ତର୍ଜାତୀୟ ବନ୍ଦର ହୋଇଥିବା ବେଳେ ଏହାର ଉନ୍ନତି ପାଇଁ କାର୍ଯ୍ୟରତ ସାମ୍ବାଦିକଙ୍କ ଦାବୀପତ୍ର ଗ୍ରହଣ କରିବାକୁ ପାରାଦୀପର ଅତିରିକ୍ତ ଜିଲ୍ଲାପାଳଙ୍କ ଅନୁପସ୍ଥିତି ପ୍ରଶାସନିକ ଉଦାସୀନତାର ଏକ ନଗ୍ନ ନମୁନା ବୋଲି ଚର୍ଚ୍ଚା ହେଉଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ମଇ ୨୩

# ନ୍ୟାୟ ଅପେକ୍ଷାରେ ଜାତିଗତ ଲଢେଇ



ରବିନାରାୟଣ ପଣ୍ଡା

ମଣିପୁର ହିଂସା ଦେଶର ଜାତିଗତ ଓ ସାମାଜିକ ସମସ୍ୟାକୁ ଉଜାଗର କରିଛି । ମୁଖ୍ୟତଃ କୁକୀ ସମ୍ପ୍ରଦାୟ ଓ ମୈତେଇ ସମ୍ପ୍ରଦାୟ ଲୋକଙ୍କ ଭିତରେ ସଂଘର୍ଷ ବହୁ ବର୍ଷ ପୂର୍ବରୁ ଲଗାଯାଇଥିବା ଏକ ବିଷବୃକ୍ଷର ଫଳ । ଭାରତ ସରକାର ନା ଗିଳି ପାରୁଛନ୍ତି ନା କାଢି ପାରୁଛନ୍ତି । ମଣିପୁର ସ୍ଥିତି ସେଇଥି ପାଇଁ ମହା ବିଷମ ପରିସ୍ଥିତି ସୃଷ୍ଟି କରିଛି । ମଣିପୁରରେ ମୈତେଇଙ୍କୁ ଛାଡି ୩୩ଟି ଜନଜାତିର ସମୁଦାୟ ବସବାସ କରନ୍ତି । ସେଥିମଧ୍ୟରୁ ଈସାଇ ବହୁଳ କୁକୀ ଓ ନାଗା ମୁଖ୍ୟ ସମୁଦାୟ । ୨୦୧୧ ତଥ୍ୟ ଅନୁସାରେ ମଣିପୁରର ମୋଟ ଜନସଂଖ୍ୟାରେ ହିନ୍ଦୁଙ୍କ ସଂଖ୍ୟା ୪୧.୩୯% ଓ ଈସାଇଙ୍କ ସଂଖ୍ୟା ୪୧.୨୯% ଓ ମୁସଲିମଙ୍କ ସଂଖ୍ୟା ୮% । ମୈତେଇ ସମାଜ ଅଧିକାଂଶ ହିନ୍ଦୁ ହୋଇଥିବା ବେଳେ ନାଗା ଓ କୁକିମାନେ ସର୍ବାଧିକ ଖ୍ରୀଷ୍ଟିଆନ ଅଟନ୍ତି । ଏସବୁ ସତ୍ତ୍ୱେ ଧର୍ମ ଆଧାରରେ ଲଢେଇ କମ୍ ଦେଖିବାକୁ ମିଳେ । ଲଢେଇର ସବୁଠାରୁ ବଡ କାରଣ ଜନଜାତି ମାନ୍ୟତା । ମୈତେଇ ଲୋକଙ୍କୁ ୧୯୪୯ ପର୍ଯ୍ୟନ୍ତ ଜନଜାତି ମାନ୍ୟତା ମିଳୁଥିଲା । ରାଜ୍ୟରେ ସମସ୍ତେ ସ୍ୱାଭାବିକ ଭାବରେ ରହୁଥିଲେ । ୧୯୪୯ ରେ ଭାରତ ସହ ମଣିପୁର ବିଲୟ ହେଲା। ହିନ୍ଦୁ ବହୁଳ ମୈତେଇ ସମୁଦାୟ ଷଡଯନ୍ତ୍ରରେ ଶିକାର ହେଲେ । ଭାରତ ସରକାର ଷଡଯନ୍ତ୍ରକୁ ବୁଝି ନପାରି ମୈତେଇଙ୍କ ଜନଜାତି ମାନ୍ୟତା ସମାପ୍ତି କରିଦେଲେ । ଖାଲି ସେତିକି ନୁହେଁ ସେମାନଙ୍କୁ ଅଘୋଷିତ ଭାବରେ ଦ୍ୱିତୀୟ ଶ୍ରେଣୀର ନାଗିରିକ କରିଦେଲେ । ୧୯୪୯ରେ ଜନଜାତି ମାନ୍ୟତା ସମାପ୍ତି ହେବାପରେ ସେମାନଙ୍କୁ ପାହାଡ ଠାରୁ ଦୁରେଇ ଦିଆଗଲା। ସରକାରୀ ନିୟମ କରିଦିଆଗଲା ମୈତେଇ ସମୁଦାୟ ମଣିପୁରର (୯୦% ଅଂଚଳ ) ପାହାଡିଆ ଅଂଚଳ ରେ ଜମି କିଣି ପାରିବେନି। ଆର୍ଥିକ, ସାମାଜିକ ଓ ରୋଜଗାର କ୍ଷେତ୍ରରେ ଅନେକ ପ୍ରତିବନ୍ଧକ ସାମ୍ନା କରିବାକୁ ପଡିଲା। ନିଜର ରାଜ୍ୟ ଭିତରେ ନିଜ ମାଟି ଠାରୁ ଅଲଗା ହେବାର ଷଡଯନ୍ତ୍ର ମୈତେଇ ସମୁଦାୟ କେବେବି ଗ୍ରହଣ କରିପାରିଲାନି । ମୈତେଇ ସମୁଦାୟ ନିଜର ପୂର୍ବଜ, ପୂର୍ବ ସାଂସ୍କୃତିକ ପରମ୍ପରାକୁ ରକ୍ଷା କରିବା ପାଇଁ ଅନବରତ ସଂଘର୍ଷ କରି ଆସିଛି । ନିଜର ପୂର୍ବ ପରିଚୟ ପାଇବା ପାଇଁ ସାମାଜିକ, ରାଜନୈତିକ ଓ ନ୍ୟାୟିକ ଲଢେଇ ଜାରି ରଖିଛି । ୧୯୪୯ରୁ ଆଜି ପର୍ଯ୍ୟନ୍ତ ଏହି ଅନ୍ୟାୟ ଅପମାନ ବିରୋଧରେ ସେମାନେ ଲଢେଇ କରି ଆସୁଛନ୍ତି । ସମ୍ବିଧାନର ଧାରା ୩୭୧ ସି ଅନୁସାରେ ପାହାଡିଆ ଜନଜାତି ବିଶେଷ କରି କୁକୀ ମାନଙ୍କୁ ବିଶେଷ ଅଧିକାର ମିଳିଛି । ସେମାନେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ । ମ୍ୟାନମାର ଦେଇ ସେମାନେ ଭାରତ ବିରୋଧୀ ଗତିବିଧି ଚଳେଇ ଆସୁଛନ୍ତି । ୨୦୦୫ରେ ଭାରତୀୟ ସେନା ସହ ଲଢେଇ କରୁଥିବା ଈସାଇ ଧର୍ମାବଲମ୍ବୀ କୁକୀ ଓ ନାଗାମାନେ ଭାରତ ସହ ସନ୍ଧି କରିବା ପାଇଁ ରାଜି ହେଲେ। ୨୦୦୮ରେ ସମସ୍ତ ବିଦ୍ରୋହୀ ସଂଗଠନ ଭାରତ ସରକାରଙ୍କ ସହ ସ୍ୱଳ୍ପକ୍ଷ୍ମ ସନ୍ଧି କଲେ । ଅସ୍ତ୍ରବିରତି ପରେ ମଣିପୁରରେ ଶାନ୍ତି ପ୍ରତିଷ୍ଠା ହେଲା । କିନ୍ତୁ ଦୀର୍ଘ ଦିନର ଆତଙ୍କବାଦୀ ଆକ୍ରମଣ ଫଳରେ କାଶ୍ମୀର ପଣ୍ଡିତଙ୍କ ଭଳି ମୈତେଇ ସମୁଦାୟ ମଣିପୁର ପାହାଡିଆ ଅଂଚଳରୁ ପଳାୟନ କରିସାରିଥିଲା । ତାଙ୍କ ସ୍ଥାନରେ ବଙ୍ଗଳାଦେଶୀ ଓ ମିଆଁମାର ଲୋକ ଆସି ଜନବସତି ତିଆରି କରିନେଇଥିଲେ । ମଣିପୁରର ପାଖାପାଖି ୯୦% ଅଂଚଳରୁ ମୈତେଇମାନେ ପଳେଇ ଆସି କେବଳ ଇମ୍ଫାଲ ଅଂଚଳରେ ସୀମିତ ହୋଇଗଲେ । ରାଜ୍ୟରେ ମୋଟ ଜନସଂଖ୍ୟାର ପାଖାପାଖି ୫୩ ପ୍ରତିଶତ ମୈତେଇ ଇମ୍ଫାଲ ଘାଟୀ ଭିତରେ ନିଜକୁ ସୀମିତ କରିନେଇଥିଲେ । ଇମ୍ଫାଲ ର କ୍ଷେତ୍ରଫଳ ମଣିପୁରର ମାତ୍ର ୧୦% । ଏମାନେ ଆର୍ଥିକ ଓ ଶିକ୍ଷା ଦୃଷ୍ଟିରୁ କୁକୀମାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ଅଟନ୍ତି ।

ମୈତେଇ ସମୁଦାୟ ଲୋକ ଉଚ୍ଚ ନ୍ୟାୟାଳୟରେ ଲମ୍ବା ସମୟ ଲଢେଇ କରିବା ପରେ ୨୦୨୩ ଏପ୍ରିଲ ୧୯ରେ ଐତିହାସିକ ବିଜୟ ପ୍ରାପ୍ତ କଲେ । ମଣିପୁର ଉଚ୍ଚ ନ୍ୟାୟାଳୟ ସେମାନଙ୍କ ଠାରୁ ଛଡେଇ ନିଆଯାଇଥିବା ଜନଜାତି ମାନ୍ୟତା ଫେରେଇ ଦେବା ପାଇଁ ଆଦେଶ ଦେଲେ । ଜନଜାତି ମନ୍ତ୍ରଣାଳୟକୁ ମଧ୍ୟ କେନ୍ଦ୍ରକୁ ସୁପାରିଶ ପାଇଁ ନିର୍ଦ୍ଦେଶ ଦେଲେ । ଉଚ୍ଚ ନ୍ୟାୟାଳୟର ଆଦେଶ ପରେ କୁକୀମାନେ ମୈତେଇ ସମୁଦାୟ ବିରୋଧରେ ଜନ ଆନ୍ଦୋଳନ ଆରମ୍ଭ କଲେ । ସେମାନଙ୍କ ଭୂମିଗତ ଏକାଧିକାର ସମାପ୍ତ ହେବାର ସମ୍ଭାବନା ତିଆରି ହେଲା । କାରଣ ଜନଜାତି ମାନ୍ୟତା ଫେରି ପାଇଲେ ମୈତେଇମାନେ ପାହଡ ଅଂଚଳରେ ଜମି କିଣିବା ଆରମ୍ଭ କରିଦେବେ । ସ୍ୱାର୍ଥରେ ଆଘାତ ଆସିବାର କୁକୀ ଓ ନାଗାମାନେ ଅଧିକ ଉଗ୍ରହୋଇ ୨୮ ଏପ୍ରିଲରେ ଚୁରଚାନ୍ଦପୁର ଠାରେ ୮ଘଂଟା ବନ୍ଦ ପାଳନ କଲେ । ୩ ମେ ରେ ଆଦିବାସୀ ଏକତା ମୋର୍ଚ୍ଚା ସମୁଦାୟ ଏଥର ମାଡ ଖାଇଚୁପ ରହିଯିବା ଅବସ୍ଥାରେ ନଥିଲା ସେମାନେ ପ୍ରତି ଆକ୍ରମଣ କରିଦେଲେ । ମୈତେଇ ସମୁଦାୟ ଏଥର ମାଡ ଖାଇ ରହିଯିବା ଅବସ୍ଥାରେ ନଥିଲା, ସେମାନେ ପ୍ରତି ଆକ୍ରମଣ କରିଦେଲେ । ମଣିପୁରରେ ସାମାଜିକ ସଂଘର୍ଷ ତୀବ୍ର ରୂପ ନେଲା । ୫୦ରୁ ଅଧିକ ଲୋକ ହତ୍ୟାର ଶିକାର ହେଲେ । ମଣିପୁର ଉଚ୍ଚ ନ୍ୟାୟାଳୟ ରାୟ ସହିତ ବୀରେନ୍ଦ୍ର ସିଂ ସରକାର ଉଚ୍ଛେଦ କାର୍ଯ୍ୟ ନାଗା ଓ କୁକୀମାନଙ୍କୁ ହିଂସ୍ର ହେବା ପାଇଁ ଅଧିକ ଖୋରାକ ଯୋଗାଇଲେ । ପାହାଡ ଅଂଚଳରେ ଆତଙ୍କବାଦୀ ଗତିବିଧି ପାଇଁ ଗଂଜେଇ ଚାଷ ଅବାଧ ରୂପରେ ଚାଲି ଆସୁଥିଲା । ସରକାର ଠିକ୍ ସେହି ସମୟରେ ଅବୈଧ କବ୍ଜା ହଟେଇବା ସହ ଗଂଜେଇ ଚାଷ ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଦେଲେ । ମଣିପୁର ବିଧାନସଭାରେ ୬୦ ବିଧାୟକଙ୍କ ଭିତରୁ ପାଖାପାଖି ୪୦ ଜଣ ମୈତେଇ ସମୁଦାୟରା ନାଗା ଓ କୁକୀମାନଙ୍କର ବିଶ୍ୱାସ ସରକାର ଉପରେ କମ କରିବାରେ ଏହି ସଂଖ୍ୟା ଗଣତି ସହାୟକ ହେଲା । ହିଂସା ଅଧିକ ତୀବ୍ର ରୂପ ନେଇନେଲା । ବାସ୍ତବରେ ଏହି ଲଢେଇ ଜନଜାତି ମାନ୍ୟତା ହରେଇଥିବା ଲୋକଙ୍କର ନ୍ୟାୟ ପାଇଁ ଲଢେଇ ବୋଲି କୁହାଯାଇପାରେ । ନିଜର ଅଧିକାର ପାଇଁ ଲଢେଇ ବୋଲି କୁହାଯିବ । ଅନ୍ୟ ଦୃଷ୍ଟିରୁ ଦେଖିଲେ ଏହା ଭାରତ ବିରୋଧୀ ଓ ଭାରତ ସପକ୍ଷବାଦୀଙ୍କ ଭିତରେ ଲଢେଇ ବୋଲି କୁହାଯାଇପାରେ । ପ୍ରଥମଥର ଭାରତକୁ ଭଲ ପାଉଥିବା ଲୋକଙ୍କର ନ୍ୟାୟିକ ବିଜୟ ହୋଇଛି । କିନ୍ତୁ କୁକୀମାନେ ହିଂସା ବଦଳରେ ଆନନ୍ଦ ମନରେ ଏହାକୁ ସ୍ୱୀକାର କରିଥିଲେ, ସମ୍ଭବତଃ ଏପରି ସମସ୍ୟା ଉପୁଜି ନଥାନ୍ତା । ଯେଉଁମାନେ ଜନଜାତି ମାନ୍ୟତା ପାଉଥିଲେ ଯଦି ନ୍ୟାୟାଳୟ ସେମାନଙ୍କୁ ପୂର୍ବ ଅଧିକାର ଫେରାଇ ଦେଲା ସେଥିରେ କୌଣସି ସମସ୍ୟା ହେବାକଥା ନୁହେଁ । ମୈତେଇ ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅନୁସୂଚିତ ଜାତି, ପଛୁଆବର୍ଗ, ଅତି ପଛୁଆ ବର୍ଗରେ ସାମିଲ କରାଯାଇଛି ସତ୍ୟ କିନ୍ତୁ ସେମାନଙ୍କର ମୂଳ ଅଧିକାର ସେମାନଙ୍କୁ ମିଳିବା ଉଚିତ । ନିଜ ରାଜ୍ୟରେ ଭୂମିଗତ ଅଧିକାର ସମସ୍ତଙ୍କର ସମାନ ହେବା ଉଚିତ । ସପ୍ତମ ଶତାବ୍ଦୀରୁ ଚାଲି ଆସୁଥିବା ମୈତେଇମାନଙ୍କ ପରମ୍ପରାକୁ ଉଚ୍ଛେଦ କରିବା କେବେବି ଠିକ ବୋଲି କୁହାଯାଇ ପାରିବନାହିଁ । ଭାରତ ସରକାର ସଂଯମତାର ସହ ନିଆଁ ଲିଭାଇ ଲଢେଇକୁ କିଛି ଦିନ ପାଇଁ ଟାଳିଦେଇ ପାରିଛନ୍ତି । କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ନ୍ୟାୟାଳୟର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଉଚିତ । ମୈତେଇଙ୍କୁ ନ୍ୟାୟ ପ୍ରଦାନ କରି ୭୫ ବର୍ଷର ସଂଘର୍ଷକୁ ସମାପ୍ତ କରିବା ଉଚିତ ହେବ । ମଣିପୁର ଭାରତର ସୀମାନ୍ତ ରାଜ୍ୟ । ତେଣୁ ରାଜ୍ୟ ଶାନ୍ତି ଦେଶ ପାଇଁ ଅପରିହାର୍ଯ୍ୟ । ବିଦେଶୀ ଚକ୍ରାନ୍ତରେ ଶିକାର ହୋଇ ଭାରତ ବିରୋଧରେ ଅସ୍ତ୍ର ଉଠାଉ ଥିବା ନାଗା ଓ କୁକିମାନଙ୍କୁ ଅନୁକମ୍ପା ପ୍ରଦାନ କରିବାର କୌଣସି ଆବଶ୍ୟକତା ନାହିଁ । କିନ୍ତୁ କୁକୀମାନଙ୍କୁ ମୈତେଇମାନଙ୍କ ଠାରୁ ବିପଦର ସନ୍ଦେହକୁ ଦୂରୀଭୂତ କରି ବିଶ୍ୱାସର ବାତାବରଣ ନିର୍ମାଣ କରିବା ଉଚିତ । କାହାରି ଅଧିକାର ଛଡେଇ ନେବା ଉଚିତ ନୁହେଁ ।

*ମଠ ସାହି, ଭଦ୍ରକ*
*ମୋ-୯୪୩୭୦୧୭୮୫୭*

# ଚାଲନ୍ତୁନା, ଟିକେ ଅନ୍ୟମନସ୍କ ହେବା



ବୃହସ୍ପତି ସାମଲ

ଏକବିଂଶ ଶତାବ୍ଦୀରେ ଶିକ୍ଷିତ ମଣିଷର ଜୀବନଚର୍ଯ୍ୟାକୁ ଟିକେ ନିରିଖେଇ ଦେଖିଲେ ନିଶ୍ଚୟ ହୃଦୟଙ୍ଗମ ହେବ ଯେ ଦିନ ନାହିଁ ରାତି ନାହିଁ ଆମେ କେବଳ ଷଡ ରିପୁର ବଶବର୍ତ୍ତୀ ହେଇ ଦୁନିଆ ଆଗରେ ନିଜ ନିଜର ପ୍ରତିଷ୍ଠା ଓ ପ୍ରତିପତ୍ତି ସାବ୍ୟସ୍ତ କରିବାକୁ ଖୁବ ବ୍ୟଗ୍ର। ସବୁବେଳେ ଖାଲି ସ୍ୱାର୍ଥଜଡ଼ିତ କାମ, କାମ ଆଉ କାମ। ଅଳସୁଆମୀ କଥା ଛାଡନ୍ତୁ, ଟିକେ ବିରତି ନାହିଁ କି ବିଶ୍ରାମ ନାହିଁ। ସଡକରୁ ସଂସଦ, ପରିବାରରୁ ପରଦେଶ ପର୍ଯ୍ୟନ୍ତ ଆମେ ଆମ ପାରିବାପଣିଆକୁ ପ୍ରଦର୍ଶିତ କରିବାରେ ଅହରହ ବ୍ୟସ୍ତ। ସାମାଜିକ, ରାଜନୈତିକ, ଅର୍ଥନୈତିକ, ଧାର୍ମିକ କ୍ଷେତ୍ରରୁ ଆରମ୍ଭ କରି ଶିକ୍ଷା ଓ ଔଦ୍ୟୋଗିକ କ୍ଷେତ୍ର ପର୍ଯ୍ୟନ୍ତ ସବୁଠି ଖାଲି ପ୍ରତିଯୋଗିତାର ଧାଁଉଡ। ପରିବାରରୁ ପାର୍ଲିଆମେଣ୍ଟ ପର୍ଯ୍ୟନ୍ତ କେଉଁଠି ବି ଟିକେ ସ୍ଥିରତା ନାହିଁ। ଚିରାଚରିତ ଭିଡ଼ରୁ ଟିକେ ଅଟକି ଯାଇ ପଛକୁ ଫେରି ଚାହିଁବାକୁ ବା ପଛରେ ପଡିଯାଉଥିବା ଅନ୍ୟ କାହା କଥା ଭାବିବାକୁ କାହାରି ପାଖରେ ବେଳ ନାହିଁ କି ନିଜ ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରୁ ଟିକେ ଅନ୍ୟମନସ୍କ ହେବାର ମାନସିକତା ନାହିଁ। ବିଦ୍ୟା ଆହରଣ ଓ ଜ୍ଞାନର ପରିଭାଷା ବଦଳି ଗଲାଣି ଯେମିତି। 'ବିଦ୍ୟା ବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତୀନି, ଶୁନିଚୈବ ଶ୍ୱପାକେଚ଼ ପଣ୍ଡିତାଃ ସମଦର୍ଶୀନଃ' । ଆଜି କାହାନ୍ତି ସେ ପଣ୍ଡିତ ଆଉ କାହିଁ ସେ ସମଦର୍ଶୀ ଭାବ ! କିଏ ମରୁ କି ବଞ୍ଚୁ, ଦେଶ ରହୁ କି ବୁଡୁ, କିଛି ଯାଏ ଆସେ ନାହିଁ। ଶେଷ ପରିଣତି ଯାହା ହେଉନା କାହିଁକି ନିଜ ନିଜର ସ୍ୱାର୍ଥ ହାସଲ ପାଇଁ ଯେ କୌଣସି ଉପାୟ ଅବଲମ୍ବନ କରି କେବଳ ଆଗକୁ ବଢିବାର ସଭିଙ୍କର ଏକମାତ୍ର ଯୋଜନା। ତାହାହିଁ ପରମ ଲକ୍ଷ୍ୟ ଆଉ ସେହି ଲକ୍ଷ୍ୟ ପ୍ରାପ୍ତିରେ ଅପାର ତୃପ୍ତି ଯେମିତି। ଏସବୁ ଏମିତି କାହିଁକି ଘଟୁଛି ଚିନ୍ତା କଲାବେଳେ ପିଲାଦିନରୁ ଆମ ଶିକ୍ଷା ଓ ସଂସ୍କାର କଥା ମନକୁ ଆସେ। ସେବେକାର ଗାଁ ଚାଟଶାଳୀ ଅଥବା ଏବେକାର କୋଚିଂ କ୍ଲାସ, ବିଦ୍ୟାଳୟ ହେଉ କି ମହାବିଦ୍ୟାଳୟ ଅଥବା ବିଶ୍ୱବିଦ୍ୟାଳୟ, ଘରୁ ବାହାରିଲା ବେଳେ ବାପାମା, ଜେଜେବାପା ଜେଜେମା ଏବଂ ଘରର ସବୁ ଗୁରୁ ଗୁରୁଜନଙ୍କର ନିଜ ନିଜ ପିଲାମାନଙ୍କୁ କେବଳ ମନ ଧ୍ୟାନ ଦେଇ ପାଠ ପଢିବା, ଶ୍ରେଣୀରେ ସମସ୍ତଙ୍କଠାରୁ ଆଗରେ ରହିବା, ପରୀକ୍ଷାରେ ଏକ ନମ୍ବର ସ୍ଥାନ ହାତେଇବା, ଅନ୍ୟ କୌଣସି ବିଷୟରେ ମନୋନିବେଶ ନକରି ନିଜ ଭବିଷ୍ୟତ ବୃତ୍ତିଗତ ଜୀବନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଓ ପଢା ଶେଷରେ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହେଇ ସମାଜରେ ନିଜର ଆଧିପତ୍ୟ ଜାହିର କରିବା ଭଳି ଉପଦେଶ ବା ପରୋକ୍ଷ ଆଦେଶ ଦେଇଥାନ୍ତି। ନିଜ ପିଲାମାନଙ୍କୁ ଭଲ ମଣିଷଟିଏ ହେବା, ଅନ୍ୟର ଦୁଃଖସୁଖରେ ସହଭାଗୀ ହେବା, ପଛରେ ପଡିଯାଉଥିବା ସାଥୀଟିର ହାତ ଧରି ଆଗକୁ ବଢିବା, ଅନ୍ୟପ୍ରତି ସମ୍ବେଦନଶୀଳ ହେବା, ଯେଉଁ ମାଟି, ପାଣି, ପବନରେ ବଢୁଛେ, ତା ପାଇଁ ଉତ୍ତରଦାୟୀ ରହିବା, ଯେଉଁ ଭାଷା, ପ୍ରଥା, ପରମ୍ପରାର ସାହା ଭରଷାରେ ନିଜର ଭବିଷ୍ୟତ ଗଢୁଛେ, ତାକୁ ସୁରକ୍ଷିତ ରଖିବା ଭଳି ଉପଦେଶ ଦେବା ଖୁବ କ୍ୱଚିତ ଦେଖାଯାଏ। ଏବେ ଯାହା ଅନୁଭୂତ ହୁଏ, ନିଜ ପିଲାମାନଙ୍କୁ ସର୍ବାଗ୍ରେ ରଖିବା ପାଇଁ ପିତାମାତାଙ୍କ ମଧ୍ୟରେ ବେଶ ରୋଚକ ତଥା ଅଘୋଷିତ ପ୍ରତିଯୋଗିତା। ଶେଷରେ ସେୟା ହିଁ ହୁଏ। ପିଲାମାନେ ଅନ୍ୟମନସ୍କ ହେବାର ସୁଯୋଗ ନପାଇ ପୁସ୍ତକକୀଟ ପାଲଟିଯାନ୍ତି ଏବଂ ନିଜର ଓ ନିଜ ପିତାମାତାଙ୍କର ସ୍ୱପ୍ନକୁ ସାର୍ଥକ କରିବାକୁ ଯାଇ ଏତେ ମାତ୍ରାରେ ବ୍ୟକ୍ତିକୈନ୍ଦ୍ରିକ ହୋଇଯାନ୍ତି ଯେ ଚତୁର୍ପାର୍ଶ୍ୱର ପରିବେଶ ଓ ପରିସ୍ଥିତି ସେମାନଙ୍କ ପାଇଁ ପ୍ରଭାବହୀନ ପାଲଟିଯାଏ। ସାମାଜିକ ବିଧିବ୍ୟବସ୍ଥାରୁ ଦୁରରେ ରଖି ନିଜ ଜିଦି ପାଇଁ ଆମେ ଅର୍ଥଲୋଭୀ ପିତାମାତାମାନେ ଆମ ପିଲାମାନଙ୍କୁ ଏକଦମ ମତଲବୀ ଓ ଅସମ୍ବେଦନଶୀଳ ମଣିଷ କରି ଗଢିତୋଳୁ ଆଉ ପରିଣତ ବୟସରେ ଯେତେବେଳେ ସେମାନେ ଆମଠୁଁ ଦୁରେଇଯାନ୍ତି, ଆମେ ଅଯଥାରେ ସେମାନଙ୍କୁ ଦୋଷ ଦେଉ ଯେଉଁଥି ପାଇଁ ସମାଜରେ ଉଭୟ ପିଢିର ମାନସିକ ଶାନ୍ତି ବ୍ୟାହତ ହୁଏ। ଏହି ପରିପ୍ରେକ୍ଷୀରେ ବିଖ୍ୟାତ ଇଂରାଜୀ ଲେଖକ ଜେ ବି ପ୍ରିଷ୍ଟଲେଙ୍କ ପ୍ରବନ୍ଧ 'ଅନ ଡୁଇଂ ନଥିଙ୍ଗ' ବେଶ ପ୍ରାସଙ୍ଗିକ ମନେହୁଏ ଯାହା ମାଧ୍ୟମରେ ସେ କହିବାକୁ ଚାହିଁଛନ୍ତି କି ପୁଞ୍ଜିବାଦୀ ଚିନ୍ତାଧାରା ମଧ୍ୟବିତ୍ତ ଶ୍ରେଣୀକୁ ଅନେକ ସୁଖସୁବିଧା ପ୍ରଦାନ କରିଥିଲେ ହେଁ, ଏହା ବ୍ୟକ୍ତିଗତ ଲାଭ ପାଇଁ ଅତ୍ୟଧିକ ମାତ୍ରାରେ ମଣିଷର ଧ୍ୟାନକୁ କେନ୍ଦ୍ରୀଭୂତ କରେଇ ସ୍ୱାର୍ଥପର କରିଦେଇଥାଏ । ତାଙ୍କ ମତରେ ଚିରାଚରିତ କାର୍ଯ୍ୟାବଳୀରୁ ଦୁରେଇ ଯାଇ କିଛି ସମୟ ପାଇଁ ଟିକେ ଅନ୍ୟମନସ୍କ ହେଇଗଲେ, ଅଳ୍ପ ସମୟ ପାଇଁ ହେଉପଛେ, କିଛି ନ କରି ଟିକେ ଅଟକିଗଲେ ଏହା ଆମର ଅବଚେତନ ମନକୁ ବିସ୍ତାରିତ କରି ସୃଜନାତ୍ମକ ଚିନ୍ତାଧାରା ସୃଷ୍ଟି କରିବା ସହ ମାନସିକ ଶାନ୍ତି ପ୍ରଦାନ କରିଥାଏ। ଏହା ଆମର ସ୍ମୃତିକୁ ରୋମନ୍ଥନ କରି ଅଭିଜ୍ଞତାକୁ ଅନୁଶୀଳନ ପାଇଁ ସୁଯୋଗ ପ୍ରଦାନ କରିବା ସହ ଅଧ୍ୟୟନ ଲବ୍ଧ ଜ୍ଞାନକୁ ସୁଦୃଢ଼ କରିଥାଏ। ନିତିଦିନିଆ କାର୍ଯ୍ୟକ୍ରମରୁ ବିରତି ନେଇ ଟିକେ ଅନ୍ୟମନସ୍କ ହେଇଯିବା ଅଳସୁଆମୀ କିମ୍ବା ଗୋଟେ ମସ୍ତବଡ ଭୁଲ ନୁହେଁ। ପ୍ରିଷ୍ଟଲେଙ୍କ ମତରେ କେତେବେଳେ କ'ଣ କରିବାକୁ ପଡିବ ନଜାଣି ଯେଉଁ ଲୋକମାନେ ସବୁବେଳେ କାର୍ଯ୍ୟବ୍ୟସ୍ତ ରୁହନ୍ତି, ସେମାନଙ୍କ ଦ୍ୱାରା ହିଁ ପୃଥିବୀର ଅମଙ୍ଗଳ ହୁଏ। ଏକ କାର୍ଯ୍ୟାସକ୍ତ ପ୍ରାଣୀ ହିଁ ବିଶ୍ୱର ସବୁଠୁ ଖଳ ଓ ମନ୍ଦ ପ୍ରକୃତିର ନିଷ୍ଠୁର ଜୀବ। କାହାରି ଅଳସୁଆମୀ ଗୁଣ ଯୋଗୁଁ ପୃଥିବୀରେ ଆଜି ଏଭଳି ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୋଇନାହିଁ। ଜୁଲାଇ ୧୯୧୪ରେ ଆରମ୍ଭ ହେଇଥିବା ପ୍ରଥମ ବିଶ୍ୱଯୁଦ୍ଧର ଉଦାହରଣ ଦେଇ ସେ କହିଛନ୍ତି ଯଦି ବିଶ୍ୱର ସମସ୍ତ ଶାସକ, ରାଜା ମହାରାଜା, ସମ୍ରାଟ, ବୁଦ୍ଧିଜୀବୀ, ରାଷ୍ଟ୍ରନାୟକ, ସାମ୍ବାଦିକମାନେ ଅଳ୍ପ ସମୟ ପାଇଁ କିଛି ନକରି ଟିକେ ଅଟକିଯାଇଥାନ୍ତେ ଏବଂ ଅନ୍ୟମନସ୍କ ହୋଇ ଭିନ୍ନ କଥା ଚିନ୍ତା କରିଥାନ୍ତେ, ତେବେ ଆଜି ସମଗ୍ର ପୃଥିବୀର ଚିତ୍ର କିଛି ଅଲଗା ହୋଇଥାନ୍ତା। ଆମ ପୁରାଣ, ମହାଭାରତରେ ବି ଏହିଭଳି ଅନେକ ଉଦାହରଣ। ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ ଓ ମହାବୀର କର୍ଣ୍ଣ ଯଦି ନିଜ ନିଜର ପ୍ରତିଜ୍ଞାରୁ ଟିକେ ଅନ୍ୟମନସ୍କ ହେଇ ଜଗତ କଲ୍ୟାଣ କଥା ଚିନ୍ତା କରିଥାନ୍ତେ, ତେବେ ମହାଭାରତ ଭଳି ଯୁଦ୍ଧକୁ ସହଜରେ ଏଡାଇ ଦିଆଯାଇପାରିଥାନ୍ତା। ତ୍ରିପୁର ବିଜୟୀ ମହାଜ୍ଞାନୀ ରାବଣ ବି ନିଜ ଜିଦିରୁ ଅନ୍ୟମନସ୍କ ନ ହେବାରୁ ରାମାୟଣର ସୃଷ୍ଟି ଓ ସ୍ୱର୍ଣ୍ଣଲଙ୍କା ଧ୍ୱଂସ ହେଲା। କେତେଦିନ ଆଉ ସ୍ୱାର୍ଥପରତାର ଖୋଳପା ଭିତରେ ମିଥ୍ୟା ଅହମିକାକୁ ପାଥେୟ କରି କେବଳ ନିଜ କଥା ଚିନ୍ତା କରୁଥିବା ! ଚାଲନ୍ତୁନା, ଆମେ ସମସ୍ତେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଲକ୍ଷ୍ୟରୁ ଅନ୍ୟମନସ୍କ ହେଇ ଟିକେ ଜନ ଓ ଜଗତ କଲ୍ୟାଣ କଥା ଚିନ୍ତା କରିବା। ପରିଣତ ବୟସରେ ନିଜେ ଅନ୍ୟମନସ୍କ ହେଇ ଆଗାମୀ ପିଢିକୁ ଟିକେ ଅନ୍ୟମନସ୍କ କରେଇବା। ନିତିଦିନିଆ ଜୀବନ ଜଂଜାଳର ଧାଁଉଡରୁ ଟିକେ ବିରତି ନେଇ ଦଣ୍ଡେ ବସିଯିବା। ଟିକେ ମୁହଁ ବୁଲେଇ ଦେଖିବା ଆମ ପଛରେ ରହିଯାଇଥିବା ଆମରି ଭାଇ, ବନ୍ଧୁ, କୁଟୁମ୍ବ ଯେଉଁମାନେ ଆଗକୁ ବଢିବା ପାଇଁ ଆମରି ସହଯୋଗ ଓ ଉପସ୍ଥିତି ହୁଏତ ଚାହୁଁଛନ୍ତି। ପ୍ରଗତିର ମାନେ ଏକା ଏକା ଚାଲିବା ନୁହେଁ , ବରଂ ସମସ୍ତଙ୍କୁ ସାଥିରେ ନେଇ ଆଗକୁ ବଢିବା। ଚାଲନ୍ତୁନା ଟିକେ ଅନ୍ୟମନସ୍କ ହେବା ଫୁଙ୍ଗୁଳା ଦେହକୁ କପଡା ଖଣ୍ଡେ, ଭୋକିଲା ପେଟକୁ ଦାନା ମୁଠେ, ବାସହରା ପାଇଁ ଆଶ୍ରା ଟିକେ ଦେବା କଥା ଚିନ୍ତା କରି। ସମୟ ଆସିଛି ପାଠମନସ୍କ ପିଲାମାନଙ୍କୁ ପୁସ୍ତକକୀଟ ନ କରି ଭଲ ମଣିଷଟେ ହେଇ ଟିକେ ଦେଶ ଦୁନିଆ ପାଇଁ ଚିନ୍ତା କରିବାକୁ ଅନ୍ୟମନସ୍କ କରେଇବାର, ଦରଦୀ ଓ ସମ୍ବେଦନଶୀଳତାର ଭାଷା କହିବା ଓ କୁହେଇବାର, ଆମ ଭାଷା, ପ୍ରଥା, ପରମ୍ପରାକୁ ସମ୍ମାନ ଓ ସୁରକ୍ଷା ଦେବାର, ମିଳିତ ପ୍ରୟାସରେ ପରିସ୍ଥିତି ଓ ପରିବେଶକୁ ଅନୁକୂଳ ଢଙ୍ଗରେ ସଜାଡି ନେବାର, ଆମ ମାଟି, ପାଣି, ପବନର ଋଣ ଶୁଝିବାର। ସମୟ ଉପନୀତ ଆଧୁନିକତାର ଚାକଚକ୍ୟରୁ ଅନ୍ୟମନସ୍କ ହେଇ ପ୍ରଦୂଷଣ ରୋକିବାର, ନଜର ହଟେଇ ଆଖପାଖରେ ଉଜୁଡିଯାଉଥିବା ଶସ୍ୟକ୍ଷେତ୍ର, ବଣଜଙ୍ଗଲ ଉପରେ ଟିକେ ଦୃଷ୍ଟି ନିକ୍ଷେପ କରିବାର ଓ ଶୁଖିଯାଉଥିବା ନଇନାଳ କଥା ଟିକେ ଚିନ୍ତା କରିବାର। ଏଇଟା ବୋଧେ ଠିକ ସମୟ ଘୋଷାପାଠର ଶକ୍ତ ପଞ୍ଜାରୁ ମୁକୁଳିଯାଇ ତଥା ପୁଞ୍ଜିବାଦୀ, ଫାସିବାଦୀ, ଏକଛତ୍ରବାଦୀ, ଆତଙ୍କବାଦୀ ତଥା ବିସ୍ତାରବାଦୀ ଚିନ୍ତାଧାରାରୁ ଅନ୍ୟମନସ୍କ ହେଇ ଟିକେ ସମାଜବାଦର କଥା କହିବାର, ହିଂସା, ଇର୍ଷା, ପରଶ୍ରୀକାତରତାରୁ ଅନ୍ୟମନସ୍କ ହେଇ ସାମୁହିକ ଭାବେ ସତ୍ୟ, ଶାନ୍ତି ଓ ଅହିଂସାର ବାର୍ତ୍ତା ବାଣ୍ଟି ଦେଶ ଓ ଦଶର ଉନ୍ନତି କଥା ଚିନ୍ତା କରିବାର। ବେଳ ଆସିଛି ଧର୍ମୀୟ ସଂକୀର୍ଣ୍ଣତାରୁ ଅନ୍ୟମନସ୍କ ହେଇ ବସୁଧୈବ କୁଟୁମ୍ବକମଂର କଥା କହିବାର। ଜଳ, ସ୍ଥଳ, ଆକାଶ ସବୁଠି ତ ଅଧିକାର ଜାହିର କରିସାରିଲେଣି। ଆଉ ଅଧିକ କ'ଣ ଦରକାର !

ପଦ୍ମପୁର (ଆନନ୍ଦପୁର),
କେନ୍ଦୁଝର-୭୫୮୦୨୧
ମୋବାଇଲ ନଂ: ୯୪୩୭୦୨୨୬୬୯
ଇମେଲ:bsamalbbsr@gmail.com

# ନୋଟ ଅଚଳ- କଳାଧନ ରୋକିବାର ମାଧ୍ୟମ କି ?



ଉମାଶଙ୍କର ପ୍ରସାଦ

ଅର୍ଥନୀତି ପ୍ରତ୍ୟେକ ରାଷ୍ଟ୍ରର ସମସ୍ତ ନୀତି ମଧ୍ୟରେ ଏକ ପ୍ରମୁଖ ନୀତି। ବିନା ଅର୍ଥନୀତିରେ ଶାସନ ତନ୍ତ୍ରର ଚକ ଇଂଚେହେଲେ ଘୁଞ୍ଚେନାହିଁ। ପୁନଶ୍ଚ ଅର୍ଥନୀତି ଅନୈତିକ ଧାରାରେ କେବେହେଲେ ଗତି କରେନାହିଁ; ମାତ୍ର ଅନୈତିକ ଧାରାରେ କ୍ଷମତାର ଅପବ୍ୟବହାର କରି ଯେଉଁ ଅର୍ଥ ଉପାର୍ଜନ କରାଯାଏ ଏବଂ ତାହା ପୁଞ୍ଜି ହୋଇ ରହିଲେ ସେହି ସମ୍ପାଦିତ ଧନକୁ 'କଳାଧନ' କୁହାଯାଏ। ଅନ୍ୟ ଅର୍ଥରେ ଦୁର୍ନୀତିରେ ଉପାର୍ଜିତ ଧନକୁ କଳାଧନ ବୋଲି କୁହା ଯାଇଥାଏ। ଏହାର ପରିମାଣ ଅବିରତ ବୃଦ୍ଧି ପାଇ ଚାଲିଲେ ଅର୍ଥନୀତି ବ୍ୟବସ୍ଥାର ନିରାପତ୍ତା ଏବଂ ସ୍ଥିତି ପ୍ରତି ଏକ ବିପଦ ଆସିଥାଏ ବୋଲି ବିଶିଷ୍ଟ ଅର୍ଥନୀତି ବିଜ୍ଞ ମାନଙ୍କ ମତ। କେତେକଙ୍କ ବିଚାରରେ ଏହି କଳାଧନ ସାରା ଭାରତ ବର୍ଷରେ କେବଳ ଦୁର୍ନୀତି ପରାୟଣ ଏବଂ କଳାବଜାରୀ ଙ୍କ ଦ୍ୱାରା ନିୟନ୍ତ୍ରିତ ହେଉନାହିଁ, ଦେଶର ବହୁ ପ୍ରତିଷ୍ଠିତ ଲୋକମାନଙ୍କ ପାଖରେ ମଧ୍ୟ ରହିଛି। ବେଲୁ ବେଲୁ ଅର୍ଥନୀତି ପରିପ୍ରେକ୍ଷୀରେ ଗଚ୍ଛିତ ଅର୍ଥର ଯେଉଁ ମୂଲ୍ୟାୟନ କରାଯାଉଛି ତାହା ସ୍ୱଳ୍ପ ସଂଖ୍ୟକ କ୍ଷମତାଶୀଳ ଲୋକଙ୍କ ପାଖରେ ଗଚ୍ଛିତ ଅର୍ଥ ବା ଧନସମ୍ପତ୍ତିର ମୂଲ୍ୟକୁ ନେଇ ଆକଳନ କରା ଯାଉନାହିଁ। ଏହି ଲୁକାୟିତ ଅର୍ଥର ପରିମାଣ କାହାର କେତେ ବିଶେଷ ଭାବରେ ରାଜନେତା ମାନଙ୍କର, ପାଟି ସ୍ୱଚ୍ଛ ନୁହେଁ ଯାହା ପ୍ରାୟ ସମସ୍ତଙ୍କୁ ଜଣା। ଏହି କଳାଧନ ଆବିଷ୍କାର ର ସ୍ୱର ପ୍ରଥମେ ସମାଜସେବୀ ଆନ୍ନା ହଜାରେଙ୍କ ଠାରୁ ଶୁଣିବାକୁ ମିଳିଥିଲା। ଭାରତରେ ଏଭଳି ମୁଷ୍ଟିମେୟ ସାଧୁ ଚିନ୍ତାଶୀଳ ନାଗରିକ ଅର୍ଥାତ ଆନ୍ନାଙ୍କ ଭଳି ହାତଗଣତି କେତେଜଣ କ'ଣ ଏ ଦେଶରୁ କଳାଧନର ଉତ୍ପାଟନ କରିବାକୁ ସମର୍ଥ କି ? ତଥାପି ଆନ୍ନାଙ୍କର ଏପରି ଶାଣିତ ସ୍ୱରରେ ୨୦୧୪ ମସିହା ନିର୍ବାଚନ ପୂର୍ବରୁ ବି.ଜେ.ପି ତଥା ମୋଦିଜୀ ବିଦେଶରେ ଗଚ୍ଛିତ ଥିବା କଳାଧନ ଫେରାଇଆଣି ପ୍ରତ୍ୟେକ ଦେଶବାସୀଙ୍କ ଜମାଖାତାରେ ୧୫ ଲକ୍ଷ ଟଙ୍କା ଜମା କରିବେ ବୋଲି ପ୍ରତିଶୃତି ଦେଇଥିଲେ। କିନ୍ତୁ ଏହା ଏକ ଅବାସ୍ତବ ତଥା ଅସମ୍ଭବ ପ୍ରତିଶୃତି ଥିଲେ ମଧ୍ୟ ସାଧାରଣ ନୀରିହ ଜନତା ମୋଦିଙ୍କ କଥାରେ ଭାବ ବିହ୍ୱଳ ହୋଇ ଭାସି ଯାଇଥିଲେ। ମାତ୍ର ନିର୍ବାଚନ ପରେ ମୋଦିଙ୍କ ସବୁ ପ୍ରତିଶୃତି ପାଣି ଫୋଟକା ପରି ଫାଟି ଯାଇଥିଲା। ଯାହା ଉପରେ ବିରୋଧି ଆଜି ମଧ୍ୟ ପ୍ରଶ୍ନ କରି ଚାଲିଛନ୍ତି, ଯାହାର ଉତର ଆଜି ପର୍ଯ୍ୟନ୍ତ ନା ପ୍ରଧାନ ମନ୍ତ୍ରୀ ବା ତାଙ୍କ ଦଳ ପକ୍ଷରୁ ମିଳିଛି। ୨୦୧୫ ଜୁଲାଇରେ ମଧ୍ୟ କଳାଧନ ପ୍ରତ୍ୟାହୃତ ପାଇଁ " ଅନଡିସକ୍ଲୋଜ ଫରେନ ଇନକମ୍ ଆଣ୍ଡ ଆସେଟ" ଆଇନ କାର୍ଯ୍ୟକାରୀ କରିଥିଲେ ମଧ୍ୟ ବିଦେଶରେ ଗଚ୍ଛିତ ଥିବା କଳାଧନ ଫେରାଇ ଆଣିବାକୁ ସକ୍ଷମ ହୋଇନଥିଲେ। ସେପରି ଆୟ ଘୋଷଣା ଯୋଜନା ପ୍ରଚଳନ କରି ଲୋକମାନେ ସ୍ୱତଃ ପ୍ରବୃତ କଳାଧନ ଘୋଷଣା କରନ୍ତୁ ବୋଲି ସରକାରଙ୍କର ଲକ୍ଷ ଥିଲା। ମାତ୍ର ମାନ୍ୟବର ମୋଦିଜୀ ଦିନୁଟିଏ ହେଲେ ନିଜ ଦଳର ତୁଙ୍ଗ ନେତା, ମନ୍ତ୍ରୀ, ବ୍ୟବସାୟୀ ମାନଙ୍କୁ ଏଭଳି ପ୍ରୋତ୍ସାହିତ କରି କହିଥିବାର ନଜିର ନାହିଁ। ଏହି ଯୋଜନାରେ ସେ ଲୋକମାନଙ୍କଠୁ ୨ଲକ୍ଷ କୋଟି ଟଙ୍କା କଳାଧନ ଘୋଷଣାର ଆଶା ରଖିଥିଲେ ମଧ୍ୟ ମାତ୍ର ଘୋଷିତ ହୋଇଥିଲା ୬୫,ହଜାର ୨୫୦ କୋଟି ଯେଉଁଥିରେ କୌଣସି ରାଜନେତାଙ୍କର ନାମ ନଥିଲା ପରି ମନେହୁଏ। ନିର୍ବାଚନ ପ୍ରଚାର ବେଳେ ପ୍ରଧାନ ମନ୍ତ୍ରୀ ମୋଦିଜୀ ଯେଉଁ ଶବ୍ଦବାଣ ଖଞ୍ଜି କଳାଟଙ୍କା ବିରୁଦ୍ଧରେ ଭାଷଣ ଦେଉଥିଲେ, ତାହା ଏ ପର୍ଯ୍ୟନ୍ତ ଲୋକଙ୍କ ମନରୁ ଲିଭିନାହିଁ। ସେ କହିଥିଲେ କ୍ଷମତାକୁ ଆସିଲେ କଳା ଧନର ପର୍ଦା ଫାଶ୍ କରିବେ; ଅବଶ୍ୟ ଶାସନ ଭୋଗ କରିବାର ପ୍ରାରମ୍ଭ ରୁ ଏଥି ସମ୍ପର୍କରେ ସେ କିଛି ସମୟ ପାଇଁ ଯଦିଓ ମୁହଁ ଖୋଲି ଥିଲେ ତଥାପି ଅଦ୍ୟାବଧି କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନର ସଙ୍କେତ ନାହିଁ। ଭାରତୀୟ ମାନଙ୍କର ବିଦେଶୀ ବ୍ୟାଙ୍କରେ ଗଚ୍ଛିତ କଳାଟଙ୍କା ଉପରେ ସମ୍ୟକ୍ ତଥ୍ୟ ପ୍ରଦାନ କରିବାକୁ ସେ ମଧ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏଥିପାଇଁ ପ୍ରତିବନ୍ଧକ ଏବଂ ନିୟମର କାର୍ଯ୍ୟକାରିତା ଉପରେ ସେ ଯେତେବେଳେ ପ୍ରଶ୍ନ କଲେ ବିଦେଶୀ ସୁଇସ୍ ବ୍ୟାଙ୍କ କିଛିଟା ସର୍ତ୍ତ ରଖି ଗଣମାଧ୍ୟମରେ ସେତେବେଳେ ୯୨୯୫ କୋଟି ଟଙ୍କାର କଳାଧନ ରହିଛି ବୋଲି ପ୍ରକାଶ କରିଥିଲା। ସରକାର କଳାଟଙ୍କା ପ୍ରସଙ୍ଗରେ ସାଧାରଣରେ ପ୍ରଶ୍ନବାଣର ସମ୍ମୁଖୀନ ହେବାରୁ କଳାଟଙ୍କା ବିଦେଶରୁ ଫେରାଇ ଆଣିବା ଏକ ନିର୍ବାଚନୀ ଫର୍ମୁଲା ବା ଚାଲ ଥିଲା ବୋଲି ମାନିଥିଲେ। ତେଣୁ ସରକାର ତାଙ୍କର ଏହି ବିଫଳ ନୀତିକୁ ଘୋଡାଇବା ପାଇଁ ୫୦୦ ଟଙ୍କା, ୧୦୦୦ ଟଙ୍କା ନୋଟ ଅଚଳ କୁ ଏକ ଅସ୍ତ୍ର କରିଥିଲେ। ମାତ୍ର ଏହାର ପ୍ରକୃତ ଅର୍ଥ ଥିଲା ଉତ୍ତରପ୍ରଦେଶ ନିର୍ବାଚନ ଏବଂ ସରକାର କଳାଟଙ୍କା ଦୁର୍ନୀତି ବିରୁଦ୍ଧରେ ଲଢେଇ କରୁଛନ୍ତି ବୋଲି ଜନତାଙ୍କ ହୃଦୟ ଜୟ କରିବା।

ନୋଟ ଅଚଳ କରିବାର ପ୍ରମୁଖ କାରଣ ହେଲା ରିଜର୍ଭବ୍ୟାଙ୍କ ତାର ଧାର୍ଯ୍ୟ ଲକ୍ଷ ଅନୁସାରେ ଯେତେ ପରିମାଣର ଅର୍ଥ ବଜାରରେ ଛାଡିଥାଏ ତାହା ସଂଚାଳନ କରିଥାଏ। ସେଥିରେ ଯେତେବେଳେ ଜାଲନୋଟ ମିଶିଥାଏ ମୁଦ୍ରା ସଂଚାଳନ ଅଧିକ ହୋଇ ମୁଦ୍ରାସ୍ଫୀତି ଘଟିଥାଏ। ଦ୍ୱିତୀୟରେ ଲୋକମାନେ ନିଜ ଘରେ ଅଧିକ ପରିମାଣର ଟଙ୍କା ଗୁପ୍ତ ଭାବରେ ରଖିଥାନ୍ତି ଫଳରେ ବଜାରରେ ନଗଦ ମୁଦ୍ରାର ଅଭାବ ଘଟିଥାଏ। ସେହି ସମୟରେ ନୋଟ ଅଚଳ କରା ଯାଇଥାଏ। ଏଣୁ ହଠାତ୍ ଟଙ୍କା ଅଚଳ କରିଦେଲେ ଯେଉଁମାନେ ଲକ୍ଷାଧିକ ଟଙ୍କା ଗଚ୍ଛିତ ରଖୀଥାନ୍ତି ତାହା ଅଚଳ ହୋଇଯାଏ। ଯେ ହେତୁ ସେ ସବୁ ହେଉଛି ବେଆଇନ ଅର୍ଜିତ ଧନ ଯାହାର ସରକାରୀ ରେକର୍ଡ ନଥାଏ ବା ତାର ଅର୍ଜିତ ମାଧ୍ୟମ ମଧ୍ୟ ପ୍ରତିପାଦିତ ହୋଇନଥାଏ। ଯାହାକୁ ବ୍ୟାଙ୍କରେ ଫେରସ୍ତ ନେବାରେ ଅନେକ ସମସ୍ୟା ଦେଖା ଯାଇଥାଏ। ଯଦି ଆମେ ନୋଟ ବନ୍ଦର ଅତିତ ଇତିହାସକୁ ଅନୁଧ୍ୟାନ କରିବା ତେବେ ସ୍ୱଷ୍ଟ ଚିତ୍ର ଦେଖିବାକୁ ମିଳିଥାଏ। ଯାହାହେଲା ଅନେକ ଅପରାଧୀ, ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଏହି କଳାଟଙ୍କା ଉପରେ ପର୍ଯ୍ୟବେସିତ ଥାଏ। ଏକଦା ୟୁରୋପୀୟ ସେଂଟ୍ରାଲବ୍ୟାଙ୍କ 'ୟୁରୋ' ୫୦୦ ନୋଟ ଅଚଳ କରିଥିଲା ଯାହାକୁ ସେତେବେଳେ ବିନ୍ ଲାଦେନ୍ ନୋଟିସ କୁହାଯାଉଥିଲା। କାରଣ ଏହି 'ୟୁରୋ' ୫୦୦ ର ଚାଲାଣ ଦ୍ୱାରା ବିନ ଲାଦେନ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଉଥିଲା। ଆମ ଭାରତ ସ୍ୱାଧୀନତା ପୂର୍ବରୁ ଅର୍ଥାତ ୧୯୪୬ ମସିହାରେ ୧୦୦୦ ଟଙ୍କା ଓ ଦଶହଜାର ଟଙ୍କା ଅଚଳ କରିବାର ମୂଖ୍ୟ ଉଦ୍ଦେଶ୍ୟ ଥିଲା କଳାଧନ ରୋକିବା ବା ଅନ ଆକାଉଂଟେଡ ମୁଦ୍ରା ଅଚଳ କରିବା। ୧୯୭୮ ରେ ତତ୍କାଳୀନ ଜନତା ସରକାର ମଧ୍ୟ ୧୦୦୦, ୫୦୦୦, ଓ ୧୦,୦୦୦ ଟଙ୍କା ଅଚଳ କରିଥିଲେ। ମାତ୍ର ଏହି ନୋଟ ଅଚଳ କରିବାରେ କେତେ କଳାଧନ ଆସିଛି ତାର ଶ୍ୱେତପତ୍ର ଏପର୍ଯ୍ୟନ୍ତ ପ୍ରକାଶ ପାଇନି। ଚଳିତ ମାସ ୧୮ ତାରିଖରେ ରିଜର୍ଭବ୍ୟାଙ୍କ ୨୦୦୦ ଟଙ୍କିଆ ନୋଟ ଆଗାମୀ ସେପ୍ଟେମ୍ବର ସୁଦ୍ଧା ଅଚଳ ହୋଇଯିବ ବୋଲି ଘୋଷଣା କରିଛନ୍ତି। ଏବଂ ଜନ ସାଧାରଣଙ୍କୁ ୪ ମାସରୁ ଉର୍ଦ୍ଧ ସମୟ ପ୍ରଦାନ କରି ଯେଉଁମାନଙ୍କ ପାଖରେ ଏହି ୨୦୦୦ ଟଙ୍କା ଗଚ୍ଛିତ ଅଛି ସେମାନେ ନିଜ ଆକାଉଂଟ ଥିବା ବ୍ୟାଙ୍କ ତଥା ଅନ୍ୟ ବ୍ୟାଙ୍କରେ ମଧ୍ୟ କେ.ୱାଇ.ସି ପ୍ରଦାନ କରି ଉକ୍ତ ଟଙ୍କାକୁ ପରିବର୍ତ୍ତନ କରି ପାରିବେ। ତେବେ ଏହି ଟଙ୍କା ଅଚଳ କରିବାର କାରଣକୁ ଯଦି ଖୋଜାଯାଏ ତେବେ ଆଗକୁ ୫।୬ଟି ରାଜ୍ୟର ନିର୍ବାଚନ ହେବାକୁ ଥିବାବେଳେ ଏହି ୨୦୦୦ ଟଙ୍କା ବହୁଳ ପରିମାଣରେ ଗଚ୍ଛିତ ଥିବା ବାବୁମାନଙ୍କ ପାଖରେ ନିର୍ବାଚନ ବେଳକୁ ରଦି ପ୍ରାୟ ହୋଇଯିବ। ତେଣୁ ସମସ୍ତେ ଚାହିଁବେ ଯେନ ତେନ ପ୍ରକାରେଣ ଏହାକୁ ପରିବର୍ତ୍ତନ କରିବାକୁ। ଏହି ଘୋଷଣା ପୂର୍ବରୁ ନିଜ ଦଳର ବାବୁ ମାନେ ତାଙ୍କର ସୁବିଧା କରିସାରିଥିବେ ବୋଲି ଆଶା। ତେଣୁ ପ୍ରଥମେ ଏହି ୨୦୦୦ ଟଙ୍କା ଓ କେଉଂ ବ୍ୟକ୍ତି ବିଶେଷ ତଥା ରାଜନେତା, ମନ୍ତ୍ରୀ, ବିଧାୟକ, ସାଂସଦଙ୍କ ଠୁ ଆରମ୍ଭ କରି ବ୍ୟବସାୟୀ, ସାଧାରଣ ଜନତାଙ୍କର ଏକ ଶ୍ୱେତପତ୍ର ପ୍ରକାଶିତ ହେବା ଦରକାର। ଏହି ୨୦୦୦ ଟଙ୍କିଆ ବାବଦରେ ଜନସାଧାରଣ ବା ଟଙ୍କା ବଦଳକାରୀ ଙ୍କୁ ସେହି ସମପରିମାଣର ୫୦୦, ୨୦୦, ୧୦୦ ଟଙ୍କିଆ ର ଆବଶ୍ୟକତା କୁ ଦୃଷ୍ଟିରେ ରଖି ସରକାର ପଦେକ୍ଷପ ନେବେ। ତେବେ ପ୍ରଶ୍ନ ଉଠେ ଏହି କଳାଧନ ଉତ୍ପାଟନର କ'ଣ ନୋଟ ଅଚଳ ଏକମାତ୍ର ବିକଳ୍ପ ଯାହାର ଉତର ପ୍ରତ୍ୟେକ ଭାରତୀୟଙ୍କୁ ଦେବାକୁ ପଡିବ ?

କାହିଁକି ମୁଷ୍ଟିମେୟ ନାଗରୀକ ,ରାଜନେତା, ଅସାଧୁ ବ୍ୟବସାୟୀ ନିଜ ନିଜ ନେତା ତଥା ମନ୍ତ୍ରୀ ମାନଙ୍କ ସହ ମଦୁଚନ୍ଦ୍ରିକ ଭାବ ରଖି ନିଜ କ୍ଷମତାର ଅପବ୍ୟବହାର କରି ଏ ଦେଶରେ କଳାଟଙ୍କାର ଅଧିକାରୀ ହେବେ, ଅଥଚ ଦେଶର ଅର୍ଦ୍ଧ ପ୍ରତିଶତ ନାଗରୀକ ଦୀନ ଦରିଦ୍ର ଭଳି କାଳ କାଟି ଚାଲିବେ? ଏ କ'ଣ ଗଣତନ୍ତ୍ରର ସ୍ୱରୁପ ? ଗଣତନ୍ତ୍ରର ଦର୍ଶନ କ'ଣ ଏଇଆ ଲୋକଙ୍କୁ ଶିକ୍ଷା ଦିଏ? ଗଣତନ୍ତ୍ର ଶାସନରେ ନାଗରିକଙ୍କୁ ଉତ୍ତମ ସେବା ପ୍ରଦାନ କରିବା ହେଉଛି ସରକାରଙ୍କର ପ୍ରଥମ କର୍ତ୍ତବ୍ୟ, ସେପରି ସ୍ଥଳେ ଦୁର୍ନୀତି ଗ୍ରସ୍ତ ରାଜନେତା, ପ୍ରଶାସନିକ ଅଧିକାରୀ, ଯନ୍ତ୍ରୀ, ଡାକ୍ତର, ଲାଭଖୋର ବ୍ୟବସାୟୀ, ଟାଉଟର, ଗୁଣ୍ଡା, ବଦମାସ ଏହିପରି ବ୍ୟକ୍ତି ବିଶେଷଙ୍କୁ ଘୋଡାଇବାର ଯଥାର୍ଥତା କଣ? ତେଣୁ କୁହାଯାଏ ଲୋଭ ଓ ଲାଭର ପରିଣତି ସଦା ସର୍ବଦା ଭୟାବହ ହୋଇଥାଏ। ଏହାସତ୍ତ୍ୱେ କ୍ଷମତା ବହିର୍ଭୂତ ଆୟ ଜମାଇ ରଖିବାରେ ଭାରତୀୟ ରାଜନେତା, ଅମଲାତନ୍ତ୍ର ବେଶ ଧୂରୀଣ। ତେଣୁ ପ୍ରତ୍ୟେକ ରାଜନେତ. ଶାସକ, ପ୍ରଶାସନିକ ଅଧିକାରୀ, ବ୍ୟବସାୟୀ ଏବଂ ଅନେକ ବୁଦ୍ଧିଜୀବୀ ବୋଲାଉଥିବା ବ୍ୟକ୍ତିଙ୍କ ପାଖରେ କଳାଧନ ରହିଛି। ତାହାକୁ ଜାଣିବାର ଏକମାତ୍ର ପନ୍ଥା ଏହାର ସତ୍ୟ ପ୍ରମାଣ ଓ ତଥ୍ୟକୁ ଧରି ଦୃଢ କାର୍ଯ୍ୟାନୁଷ୍ଠାନ। କ୍ଷମତାଶୀଳ ବ୍ୟକ୍ତି ମାନଙ୍କ ପାଖରେ ଗଚ୍ଛିତ ଅର୍ଥ ବା ଧନସମ୍ପତିର ସତ୍ୟପାଠ କରାଇବା ସହ ଏହାର ବହିର୍ଭୂତ ସମ୍ପତିକୁ ବ୍ୟାଜ୍ୟାପ୍ତି କରି ପାରିଲେ ଏ ସମସ୍ୟାର ସମାଧାନ ହେବ ନା କେବଳ ନୋଟ ବନ୍ଦ କରିଦେଲେ ଏହାର ସମାଧାନ ହୋଇଯିବ ମୋର ସୁଧୀ ପାଠକେ ବିଚାର କରିବେ।

ଖୋର୍ଦ୍ଧା,ସମ୍ପାଦକ, ମାର୍ଗଦର୍ଶୀ
ମୋ: ୬୩୭୦୬ ୭୫୫୬୨

# ସୁସ୍ଥ ଶୈଶବ



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ପିଲାଙ୍କୁ ବୁଝିବା ସହ ତାଙ୍କର ଲାଳନ ପାଳନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତେବେ ଏଥିପାଇଁ ଅଭିଭାବକଙ୍କୁ ତାଙ୍କର ସମସ୍ତ ପଦକ୍ଷେପ ଦେଖିଚାହିଁ ନେବାକୁ ହୋଇଥାଏ।

ଘରେ ରଖନ୍ତୁ ଗେଟ ଟୁଗେଦର : ନିଜେ ଯେତେ ବ୍ୟସ୍ତ ରହିଲେ ମଧ ପିଲାଙ୍କୁ ସମୟ ଦିଅନ୍ତୁ। ପିଲାଙ୍କ ମନ ଖୁସି ପାଇଁ ଛୁଟି ଦିନରେ ଛୋଟ ଛୋଟ ଗେଟ ଟୁଗେଦର ରଖନ୍ତୁ। ସେଥିରେ ଛୋଟ ପିଲାଙ୍କୁ ସାମିଲ କରନ୍ତୁ। ଏଭଳି କଲେ ପିଲା ଅନ୍ୟ ପିଲାଙ୍କ ସହ ମିଶିବା ସହିତ ସେମାନଙ୍କ ଠାରୁ କିଛି ଭଲ କଥା ଶିଖିପାରିବ।

ଶାନ୍ତ ରୁହନ୍ତୁ : ତେବେ ପିଲାଙ୍କ ସହିତ ସର୍ବଦା ପିଲା ହେବାକୁ ପଡ଼ିଥାଏ। ଅନେକ ସମୟରେ ପିଲାଙ୍କ ମନକୁ ବୁଝିବା ପାଇଁ ତାଙ୍କ ଭଳି ଭାବିବାକୁ ହୋଇଥାଏ। ତେବେ ଏ ସମୟରେ ସବୁଠାରୁ ବଡ଼ ଅସ୍ତ୍ର ହେଲା ଶାନ୍ତ ରହିବା।

ଦିଅନ୍ତୁ ନାହିଁ ମାଡ଼ : ଅନେକ ସମୟରେ ପିଲାଙ୍କ ବିଭିନ୍ନ ଅଳି ଅଝଟକୁ ରୋକିବା ପାଇଁ ବାପା, ମା'ମାନେ ମାଡ଼ର ଆଶ୍ରୟ ନେଇଥାନ୍ତି। ହେଲେ ମାଡ଼ କୌଣସି ବି ସମସ୍ୟାର ସମାଧାନ ନୁହେଁ। ଏହାର ପ୍ରଭାବ ପିଲାଙ୍କ ବ୍ୟବହାରରେ ସଙ୍ଗେ ସଙ୍ଗେ ପରିଲକ୍ଷିତ ହୋଇଥାଏ।

ବେଶି ମଜା କରନ୍ତୁ ନାହିଁ : ପ୍ରତିଘରେ ଏଭଳି କିଛି ଲୋକଥାଆନ୍ତି ଯେଉଁମାନେ ଛୋଟ ପିଲାଙ୍କ ସହିତ ସର୍ବଦା ମଜା କରୁଥାନ୍ତି। ତେବେ ଏହା ପିଲାର ମାନସିକତା ସ୍ୱାସ୍ଥ୍ୟ ପାଇଁ ଉଚିତ ନୁହେଁ।

ଦିଅନ୍ତୁ ପୁରସ୍କାର : ଛୋଟ ପିଲାଙ୍କୁ ସାବାସି ଦେବା ଅତ୍ୟନ୍ତ ଜରୁରୀ। ସେମାନଙ୍କ କାମର ପ୍ରଶଂସା ସେମାନଙ୍କୁ ଆଗକୁ ନେଇଥାଏ। ତେଣୁ ସର୍ବଦା ନିଜ ପିଲାର କାମକୁ ପ୍ରଶଂସା କରନ୍ତୁ। ସେ ଯଦି କିଛିଇ ଭଲ କରୁଛି, ତେବେ ତାହାକୁ ଛୋଟ କିଛି ଦେଇ ତାହାକୁ ଆଗକୁ ବଢ଼ିବାକୁ ଉତ୍ସାହିତ କରନ୍ତୁ। ଏଭଳି କରିବା ଦ୍ୱାରା ପିଲାଙ୍କ ମନରେ ସକରାତ୍ମକତା ବଢ଼ିଥାଏ।

ପିଲାଙ୍କୁ ଦିଅନ୍ତୁ ସମୟ : ଗୋଟିଏ ପିଲାର ସବୁଠାରୁ ଅଧିକ ଦରକାର ହୁଏ ସମୟ। ତେଣୁ ସର୍ବଦା ନିଜର ବ୍ୟସ୍ତ ଜୀବନ ମଧ୍ୟରୁ କିଛି ସମୟ କାଢି ନିଜ ପିଲାଙ୍କୁ ଦିଅନ୍ତୁ। ଯଦି ଆପଣ ପିଲାଙ୍କୁ ସବୁଦିନ କିଛି ସମୟ ଦେବେ, ତାଙ୍କ ପାଖେ ବସିବେ, ତାଙ୍କ କଥା ଶୁଣିବେ, ତେବେ ଆପଣଙ୍କ ସମ୍ପର୍କ ନିବିଡ଼ ହେବ।

ଅନ୍ୟଙ୍କ ଆଗରେ ରୁହନ୍ତୁ ସତର୍କ : ସର୍ବଦା ଅନ୍ୟଙ୍କ ଆଗରେ ପିଲାଙ୍କ ସହ କଥା ହେବା ବେଳେ ସତର୍କ ରୁହନ୍ତୁ। ଅନ୍ୟମାନଙ୍କ ଆଗରେ ପିଲାଙ୍କୁ କେବେ ବି ଗାଳି କରନ୍ତୁ ନାହିଁ। ସେହିଭଳି ସେମାନଙ୍କୁ ଅନ୍ୟ ଆଗରେ କେବେ ବି ନିଚା ଦେଖାନ୍ତୁ ନାହିଁ। ବାପା-ମାଆ କେବେ ବି ପିଲାଙ୍କ ଖରାପ ଚାହିଁବେନି। ହେଲେ ନିଜ ଅଜାଣତରେ ସେମାନେ ପିଲାଙ୍କର କ୍ଷତି କରିବସନ୍ତି।

ପ୍ୟାରେଣ୍ଟାଲ କଣ୍ଟ୍ରୋଲ : ପିଲାଙ୍କୁ ଫୋନରୁ ଦୂରେଇ ରଖିବା ଏବେ ଅସମ୍ଭବ ହୋଇଗଲାଣି, କିନ୍ତୁ ପିଲାଙ୍କୁ ସଠିକ ବିଷୟବସ୍ତୁ ଦେଖାଇବା ପିତାମାତାଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ କର୍ତ୍ତବ୍ୟ। ତେଣୁ ପ୍ୟାରେଣ୍ଟାଲ ଲକ ଲଗାଇ ଆପଣ ନିଜ ସନ୍ତାନଙ୍କ ଉପରେ ନଜର ରଖିପାରିବେ।

*ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,*
*ଫକୀରମୋହନ ମେଡ଼ିକାଲ କଲେଜ,*
*ବାଲେଶ୍ୱର,*
*ଦୂରଭାଷ : ୯୪୩୭୧୨୪୦୭୪*




# ସିନାପାଲିରେ ଏନପିଏସ୍ କାର୍ଯ୍ୟକାରିଣୀ : ସଭାପତି ରାକେଶ ମିଶ୍ର ଓ ସାଧାରଣ ସମ୍ପାଦକ ବୈଷ୍ଣବ ମେହେର

ନୂଆପଡା, (ପି.ଏନ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ବିଭାଗର ଏନପିଏସ୍ କର୍ମଚାରୀଙ୍କୁ ନେଇ ଏକ ସାଂଗଠନିକ ବୈଠକ ସ୍ଥାନୀୟ ହାଇସ୍କୁଲ ସଭାକକ୍ଷରେ ଆୟୋଜିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ରାକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଶିକ୍ଷକ ନେତା ପ୍ରଶାନ୍ତ କୁମାର ପଣ୍ଡା, ଗଣେଶ ଚନ୍ଦ୍ର ଦୁବେ, ଡବ୍ଲୁଏଓ ସୂର୍ଯ୍ୟକାନ୍ତ ଭୋଏ, କୃଷୀ ଅଧିକାରୀ ସୁଧାଂଶୁ ଶେଖର ମେହେର, ବୋଡ଼େନ ବ୍ଲକ ସଭାପତି ଉପେନ୍ଦ୍ର ପାଣିଗ୍ରାହୀ, ବ୍ଲକ ଓଷ୍ଟା ଉପସଭାପତି ଲଳିତ ସୁନାରୀ, ଆଇନଜୀବୀ ସଞ୍ଜୟ ବେହେରା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରସନ୍ନ ମାଝୀ, ଫରେଷ୍ଟର ସନ୍ତୋଷ ସୁନାନୀ ପ୍ରମୁଖ ମଂଚାସିନ ଥିଲେ।ସଭା ପ୍ରାରମ୍ଭରେ ବୈଷ୍ଣବ ମେହେର ସମସ୍ତଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସରକାରଙ୍କ ନୂତନ ପେନସନ୍ ଯୋଜନା କର୍ମଚାରୀଙ୍କ ଭବିଷ୍ୟତକୁ ଅନ୍ଧକାର ଭିତରକୁ ଠେଲି ଦଉଥିବା ବେଳେ ପୁଣିଥରେ ପୁରୁଣା ପେନସନ୍ ଲାଗୁ ହେବା ଜରୁରୀ, ତେଣୁ ସମସ୍ତ ଏନପିଏସ୍ କର୍ମଚାରୀ ଏକଜୁଟ୍ ହୋଇ ଦୃଢ଼ ସ୍ୱରରେ ନିଜ ଦାବିକୁ ଉପସ୍ଥାପନା କରିବା ଦରକାର ବୋଲି ଏହି ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏନେଇ ବ୍ଲକ ସ୍ତରୀୟ କାର୍ଯ୍ୟକାରିଣୀ ପରିଷଦର ଗଠନ କରାଯାଇଥିବା ବେଳେ ପରିଷଦର ସଭାପତି ଭାବରେ ରାକେଶ ମିଶ୍ର, ଉପସଭାପତି ସୂର୍ଯ୍ୟକାନ୍ତ ଭୋଏ ଓ ଚିନ୍ମୟୀ ପାତ୍ର, ସାଧାରଣ ସଂପାଦକ ବୈଷ୍ଣବ ମେହେର, ସହସଂପାଦକ ସୁଧାଂଶୁ ଶେଖର ମେହେର ଓ ନୀଳିମା ଜେନା ଏବଂ କୋଷାଧ୍ୟକ୍ଷ ଭାବରେ ଖଗେଶ୍ୱର ନିଆଲଙ୍କୁ ଚୟନ କରାଯାଇଥିଲା। ସେହିଭଳି କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ସନ୍ତୋଷ ସୁନାନୀ, ଅରୁଣ ଯୋଷୀ, ଲଳିତ ସୁନାରୀ, ପରେଶନାଥ ପାଣିଗ୍ରାହୀ, ଭବେଶ ମେହେର, ଅଞ୍ଜନା ଗହୀର, ଚନ୍ଦ୍ରମଣି ମେହେର, ହରେକୃଷ୍ଣ ମେହେର, ରମେଶ ଚନ୍ଦ୍ର ମେହେରଙ୍କୁ ମନୋନିତ କରାଯାଇଛି। କାର୍ଯ୍ୟକ୍ରମ ଆୟୋଜନରେ ପ୍ରକାଶ ଚନ୍ଦ୍ର ମେହେର, ରାଜେନ୍ଦ୍ର ପ୍ରସାଦ ଖମାରୀ, ବଂଶୀଧର ଜଗତ, ଲୋଚନ ମେହେର, ଈଶ୍ୱର ବଘେଲ, ଚୂଡ଼ାମଣି ମେହେର, ଦେବାନନ୍ଦ ବାଗ, ନିକୁଞ୍ଜ ସା, ଗୌତମ ମେହେର, ଦୀପକ ସା, ପ୍ରେମାନନ୍ଦ ମେହେର, ଧିରେନ୍ଦ୍ର ସା, ହେତୁରାମ ମେହେର, ସୁନୀଳ ଠାକୁର, ମିନତୀ ମେହେର, ସାନୁର୍ଯ୍ୟ ମେହେର, ଦୁର୍ଦ୍ଦାନ୍ତ ମେହେର, ନରେଶ ମାଝୀ, ଗିରିଶ ସା, କୌଶିକ ସା, ଆଶିଷ ସା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମହେଶ୍ୱର ଗୁଆଲ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଗଳ ବିଲୁଆ କାମୁଡ଼ାରେ ୬ ଆହତ

ଗଞ୍ଜାମ,(ପି.ଏନ): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ଶାସନ ଆମ୍ବଗାଁରେ ଗତ ଦୁଇ ଦିନ ମଧ୍ୟରେ ପାଗଳ ବିଲୁଆ କାମୁଡ଼ାରେ ୬ ଜଣ ଆହତ ହୋଇଥିବା ଜଣାପଡିଛି । ଯାହାକୁ ନେଇ ଅଂଚଳରେ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହୋଇଛି । ଆହତ ମାନେ ହେଲେ ବିନୋଦ ସାହୁ (୬୨), ଯୁଧିଷ୍ଠିର ଜେନା (୬୦), ମେଳା ସେଠୀ (୪୫), ସୁଦେଷ୍ଣା ଜେନା (୫୫), ନିର ରାଉତ (୫୦) ଏବଂ ଅପୂର୍ବା ଜେନା (୫୦) । ଏମାନେ କ୍ଷେତରେ କାମ କରୁଥିବା ବେଳେ ଏହି ପାଗଳ ବିଲୁଆ କାମୁଡ଼ାର ଶିକାର ହୋଇଥିଲା । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ହିଞ୍ଜିଳିକାଟୁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି ।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା : ଦୋଷୀକୁ ୧୦ ବର୍ଷ ଜେଲ୍, ୩୦ ହଜାର ଜରିମାନା

ଜଗତସିଂହପୁର, (ପି.ଏନ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଂଚଳରେ ଘଟିଯାଇଥିବା ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାରଣା କରି ଜଗତସିଂହପୁର ସ୍ୱତନ୍ତ୍ର ପୋକସୋ କୋର୍ଟ ତାଙ୍କ ରାୟରେ ଦୋଷୀ ସନ୍ତୋଷ ଭୋଇକୁ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ ସହ ୩୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଏଥିସହ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଏଠାରେ ଉଲ୍ଲେଖଯୋଗ୍ୟ, ୨୦୧୪ ରେ ଜିଲ୍ଲାର ବାଲିକୁଦା ଅଂଚଳରେ ଘଟିଯାଇଥିବା ଏହି ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାରଣା କରି କୋର୍ଟ ଆଜି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନକ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ବଲାଙ୍ଗିରରେ ଶିଶୁଙ୍କ ପାଇଁ ଦିନ ଟିଏ ଜିଲ୍ଲା ସ୍ତରୀୟ ତ୍ରୈମାସିକ ମିଳିତ ସମୀକ୍ଷା ବୈଠକ ଅନୁଷ୍ଠିତ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନନ୍ତ ନାରାୟଣ ସିଂ ଲାଗୁରୀ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶିଶୁମାନଙ୍କ ଉଦ୍ଦେଶ୍ୟରେ ଗଠିତ ହୋଇ କାର୍ଯ୍ୟକାରୀ ହେଉଥିବା ଜିଲ୍ଲା ସ୍ତରୀୟ କମିଟି, ଟାସ୍କ-ଫୋର୍ସ ଓ ଚାଇଲ୍ଡ ଲାଇନ୍ ପରାମର୍ଶ ପରିଷଦ ସମୂହର ତ୍ରୈମାସିକ ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତାଙ୍କର ସଭାପତିୟ ଅଭିଭାଷଣରେ କହିଥିଲେ ଯେ ପୂର୍ବାପେକ୍ଷା ଆମେ ସମସ୍ତେ ମିଶି ଜିଲ୍ଲାରେ ବାଲ୍ୟ ହାକୁ ବହୁ ପରିମାଣରେ ପ୍ରତିହତ କରିବାରେ ସକ୍ଷମ ହୋଇଥିଲେ ମଧ୍ୟ ଏହା ସଂପୂର୍ଣ୍ଣ ଶୂନରେ ସିମିତ ରଖିବାକୁ ହେଲେ ଲୋକମାନଙ୍କୁ ଏହାର ସମାଜ ଉପରେ ରହିଥିବା ଦୁସ୍ ?ପ୍ରଭାବ ବିଷୟରେ ବୁଝାଇବାକୁ ସମସ୍ତ ବର୍ଗର ଜିଲ୍ଲାବାସୀଙ୍କ ଆନ୍ତୁଷ୍ଟ ସକାରାତ୍ମକ ସହଯୋଗ ଦରକାର ବୋଲି କହିଥିଲେ । ସେହିଭଳି ଜିଲ୍ଲା, ବ୍ଲକ ଓ ପଂଚାୟତ ସ୍ତରରେ କାର୍ଯ୍ୟକାରୀ ହେଉଥିବା ଶିଶୁ ସୁରକ୍ଷା କମିଟି, ବାଲ୍ୟ ବିବାହ ନିର୍ମୁଳ ଓ କିଶୋର ସଶକ୍ତିକରଣ ଟାସ୍କ ଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଟାସ୍କ ଫୋର୍ସ, ଚାଇଲ୍ ?ଡ୍ ଲାଇନ ପରାମର୍ଶ ଦାତା ପରିଷଦର ଉପଯୁକତ ବ୍ୟବଧାନରେ ତ୍ରୈମାସିକ ମିଳିତ ସମୀକ୍ଷା ବୈଠକ, ପ୍ରାଚୀର ଲେଖା ପ୍ରଚାରପତ୍ର ବଂଟନ, ଜନ ସମାବେଶ ପ୍ରଭୃତି କରାଯାଇ, ଆଂଚଳିକ ସ୍ତରରେ ଶିଶୁମାନଙ୍କ ସମସ୍ୟା ମିଳିତ ଭାବେ ଦୂର କରିବାର ଯୋଜନା ସୁନିଶ୍ଚିତ କରାଯାଇ ଶିଶୁ ସୁରକ୍ଷା ଯୋଜନା, ଶିଶୁଙ୍କ ପାଇଁ ଚାଲୁଥିବା କାର୍ଯ୍ୟକ୍ରମ, ବିଭିନ୍ନ ଶିଶୁ ସଂପର୍କିତ ଆଇନର ଉପଯୁକ୍ତ କାର୍ଯ୍ୟକାରୀ କରାଯାଇ, ବାଲ୍ୟ ବିବାହ, ଶିଶୁ ଶ୍ରମିକ, ଶିଶୁ ନିର୍ଯ୍ୟାତନା, ଶିଶୁ ଚାଲାଣ ବନ୍ଦ କରି ସମସ୍ତ ଶିଶୁଙ୍କୁ ବିଦ୍ୟାଳୟମାନଙ୍କରେ ସକ୍ରିୟ ଶିକ୍ଷା ଗ୍ରହଣରେ ସହଭାଗି କରିବା ସମସ୍ତଙ୍କର ମୂଳ କର୍ତବ୍ୟ ବୋଲି କହିଥିଲେ । ଉକ୍ତ ମିଳିତ ସମୀକ୍ଷା ବୈଠକରେ ପୌରାଧ୍ୟକ୍ଷା ବଲାଙ୍ଗିର ଲିକା ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିବା ବେଳେ, ନିର୍ବାହୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. କୁବେର ଚନ୍ଦ୍ର ମହନ୍ତ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି, ସଦସ୍ୟ ଡା. ଗୋଦାବରୀଶ ରଥ, ବିରଞ୍ଚି ବହିଦାର, ନନ୍ଦି କିଶୋର ଷାଣ୍ଡ, ସୁନିତା ତ୍ରିପାଠୀ, ରେଳବାଇ ଥାନାଧିକାରୀ ରାଜ ସିଂ ମଲ୍ଲିକ, ଅତିରିକ୍ତ ଶ୍ରମାଧିକାରୀ ପାନମଣି ସୋରେନ୍ ?, ପାଟଣାଗଡ ଏନ୍ ?ଏସି ଅଧ୍ୟକ୍ଷା ମାନସୀ ବିଶ୍ୱାଲ, ଏପିଡି ଡିଆରଡିଏ ଡା. ଗୁଣନିଧି ନାଏକ, ବଲାଙ୍ଗିର ମ୍ୟୁନିସିପାଲିଟିରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦିପ୍ ?, ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଡିପିଏମ୍ ଏନ୍ ?.ଏଚ୍ ?.ଏମ୍ ମୃତ୍ୟୁଞ୍ଜୟ ମୁଣ୍ଡ, ଡା. ଡି.କେ.ପତି, ଜି.ଏମ୍ ?.ଡି.ଆଇ.ସି. ବି.ପି. ଦାଶ, ସିଡିପିଓ ଲୋଇସିଂହା ପ୍ରଜ୍ଞା ବାରିକ, ଲାଇଲ୍ଡଲାଇନର ଉମାଶଙ୍କର ସାହୁ, ଉମେଶ ପୁରୋହିତ, ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜିକା ସୁମନ୍ ଦ୍ୱିବେଦୀ, ସଖୀ ୱାନ୍ ଷ୍ଟପ୍ ସେଂଟରର ଆଲିଶା ଚକ୍ରବର୍ତୀ, ୱାଇସିଡିଏ ର ଶୁଭ୍ରତା ଜେନା ପ୍ରମୁଖ ସମୀକ୍ଷା ବୈଠକରେ ଉପସ୍ଥିତ ରହି ଗଠନମୂଳକ ମତାମତ ପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ୧ ଏପ୍ରିଲ ୨୦୨୦ ରୁ ୧୫ ସେପ୍ଟମ୍ବର ୨୦୨୧ ମଧ୍ୟରେ ଯୋ କୌଣସି ୧୮ ବର୍ଷରୁ କମ୍ ଶିଶୁ ଯଦି ନିଜର ରୋଜଗାରକ୍ଷମ ପିତା ଅଥବା ମାତାଙ୍କୁ ହରାଇଥାନ୍ତି, ତା ହେଲେ ତହାର ଉପଯୁକ୍ତ ତଦନ୍ତ କରି ସରକାରଙ୍କ ଆଶିର୍ବାଦ ଯୋଜନାରେ ଯେମିତି ସୁନିଶ୍ଚିତ ଉପକୃତ ହେବା ପାଇଁ ତହସିଲଦାରଙ୍କ ଦ୍ୱାରା ସୁପାରିଶ ହୋଇପାରିବ ସେଥି ପାଇଁ ତତ୍ପର ହେବେ ବୋଲି ସମସ୍ତେ ମତପୋଷଣ କରିଥିଲେ ।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ନିଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, “ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।’’

# କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି। ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି। ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି। ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କ ପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାତୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେ ାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଙଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଢକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ । ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି । ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ ।

## କଂଗ୍ରେସ ସଦସ୍ୟତା ସଂଗ୍ରହର ସମୀକ୍ଷା

ଜୟପୁର , ୨୦ ମଇ (ହି.ସ.)ଆଜି ଏଆଇସିସି ର ନିର୍ଦ୍ଦେଶ ଅନୁସାରେ କୋରାପୁଟ ଜିଲ୍ଲା ର କଂଗ୍ରେସ ସଧସ୍ୟତା କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଏହାକୁ ଅନୁଧାନ କରିବା ପାଇଁ କୋରାପୁଟ ଜିଲ୍ଲାର ଡିଆରଓ ଶ୍ରୀ ସନାତନ ଧୋରା ଓ ଝାରସୁଗୁଡା ଡିଆରଓ ଅଭିଜିତ କର କୋରାପୁଟ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଜୟପୁର ଠାରେ ସମସ୍ତ ବ୍ଲକ୍, ଟାଉନ ଏବଂ କୋରାପୁଟ ଜିଲ୍ଲାର ସମସ୍ତ ସାଗଠନିକ ସଭାପତି ଓ ବରିଷ୍ଠ ନେତାଙ୍କୁ ନେଇ ସଦସ୍ୟତା ଚୟନ କରୁଥିବା ସମୟରେ କିଭଳି ଭାବରେ ମହିଳା , ଯୁବକ, ଛାତ୍ର ଓ ଯେଉଁମାନେ ପୁରଣା କର୍ମ କର୍ତା ଅଛନ୍ତି ସେମାନେ ଅଧିକ ରୁ ଅଧିକା ସଦସ୍ୟାତା ଗ୍ରହଣ ପାଇଁ ଏକ ଗୁରୁତ୍ୱପୁର୍ଣ୍ଣ ବୈଠକ ହୋଇଥିଲା । ଏହି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ରହି ମୁଁ କୋରାପୁଟ ଜିଲ୍ଲାର ହଜାର ହଜାର ଯୁବକ, ଛାତ୍ର ଓ ବରିଷ୍ଠ ନାଗରିକଙ୍କୁ ଅନୁରୋଧ କରୁଛି କଂଗ୍ରେସ ସାମିଲ ହେବା ପାଇଁ ଆହ୍ୱାନ ଦେଇଥିଲେ । ତତ୍ ସଂଗେ ସଂଗେ କଂଗ୍ରେସ ଦଳର ସକ୍ରିୟ କର୍ମକର୍ତା ଯେମିତି ସଦସ୍ୟାସତା ଗ୍ରହଣ କରିବାରେ ବଂଚିତ ହେବେ ନାହିଁ ସେଥି ପ୍ରତି ଧ୍ୟାନ ଦେବା ପାଇଁ ସଦସ୍ୟସତା ଗ୍ରହଣ କରୁଥିବା ନେତୃ ମଣ୍ଡଳି ଙ୍କୁ ବିଶେଷ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଡିଆରଓଦୁହେଁ ଙ୍କୁ ଜିଲ୍ଲା ସଭାନେତ୍ରୀ ବାହିନୀପତି ଏବଂ କୋରାପୁଟ ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ ଫୁଲଗୁଚ୍ଛ ଏବଂ ଉପ ଢୋକନ ଦେଇ ସମ୍ମାନିତ କଲେ । ଉକ୍ତ କାର୍ଯ୍ୟ କ୍ରମରେ ଅନ୍ୟାନ ଅତିଥି ଭାବରେ ଜୟପୁର ପୌରପାଳିକା ଅଧ୍ୟକ୍ଷ ନରେନ୍ଦ୍ର କୁମାର ମୋହାନ୍ତି, ଦୁର୍ଗା ଶଙ୍କର ସାହୁ, ବିନୋଦ ମହାପତ୍ର, ମଦନ ନାୟକ, ନଳିନୀ ରଥ, କୃଷ୍ଣ ଚନ୍ଦ୍ର ନେପାକ, ବସନ୍ତ ନାୟକ, କୈଳାସ ଖସଲା, ବେଣୁ ପାତ୍ର, ରମେଶ ପାତ୍ର, ନିହାର ରଞ୍ଜନ ବିଶୋଇ ଏବଂ ଛାତ୍ର କଂଗ୍ରେସ ,ଯୁବ କଂଗ୍ରେସ ପ୍ରମୁଖ ଉପସ୍ଥିତ ଥିଲେ ।




## ଓଡ଼ିଶା ଶିକ୍ଷା ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ମାଲକାନଗିରି ଜିଲ୍ଲାର ୨ ଶିକ୍ଷକ

ମାଲକାନଗିରି,(ପି.ଏନ): ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷା ସେବା ପରୀକ୍ଷାରେ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରୁ ୨ ଜଣ ଶିକ୍ଷକ ପାଇଛନ୍ତି ଓଇଏସ୍। ସେ ଦୁଇ ଜଣ ହେଲେ ମାଲକାନଗିରି ବ୍ଲକ ଏମଭି-୭ ଗ୍ରାମର ସୁମିତ ବିଶ୍ୱାସ ଓ ପଡିଆ ବ୍ଲକ ନିଳିଗୁଡା ପଂଚାୟତ ଉସକାଲବାଗ ଗ୍ରାମର ଆଦିବାସୀ ଯୁବକ ସୁକାନ୍ତ କାର୍ତାମି। ସେମାନଙ୍କର ଏହି ଅଭୂତପୂର୍ବ ସଫଳତା ଜିଲ୍ଲା ପାଇଁ ଗୌରବ ଆଣି ଦେଇଛି।ମାଲକାନଗିରି ଜିଲ୍ଲା ତମସା ପଂଚାୟତ ଏମଭି -୭ ଗ୍ରାମର ସ୍ୱର୍ଗତ ରେବତୀ ବିଶ୍ୱାସ ଓ ମାତା ମଞ୍ଜୁ ବିଶ୍ୱାସଙ୍କ ସୁପୁତ୍ର ହେଉଛନ୍ତି ସୁମିତ ବିଶ୍ୱାସ। ଓଡ଼ିଶା ଶିକ୍ଷା ସେବା ପରୀକ୍ଷାରେ ସୁମିତ ୧୦୧ ରାଙ୍କ ରଖି ସଫଳତାର ସହିତ ଓଇଏସ ପାଇଛନ୍ତି। ସେ ବର୍ତମାନ ପୋଟେରୁ ପୁଲିମେଟଲା ଏମପିଭି -୬ ହାଇସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କ ବାପାଙ୍କ ମୃତ୍ୟୁ ପରେ ସେ ମାମୁଁ ସାଧନ ସରକାରଙ୍କ ଘରେ ରହି ପାଠ ପଢିଥିଲେ। ତାଙ୍କ ସଫଳତା ପଛରେ ମାମୁଁ ସାଧନ, ମାଇଁ ରିନା ସରକାର ଓ ପତ୍ନୀ ସଂଗୀତା ସରକାରଙ୍କ ପ୍ରଚ୍ଛନ୍ନ ହାତ ରହିଛି । ଏହା ବ୍ୟତୀତ ବିଦ୍ୟାଳୟର ଶିକ୍ଷକ ସାଙ୍ଗ ସାଥିଙ୍କ ପ୍ରେରଣା ଯୋଗୁ ସେ ଓଇଏସ ପାଇ ପାରିଛନ୍ତି ବୋଲି ସୁମିତ କହିଛନ୍ତି ।ସେହିପରି ମାଲକାନଗିରି ଜିଲ୍ଲା ପଡିଆ ବ୍ଲକସ୍ଥ ନିଳିଗୁଡା ପଂଚାୟତ ଦୁର୍ଗମ ଅପହଂଚ ମାଓ ପ୍ରବଣ ଉସକାଲବାଗ ଗ୍ରାମର କୋୟା ଆଦିବାସୀ ସମ୍ପ୍ରଦାୟର ଆଇତା କାର୍ତାମିଙ୍କ ସୁପୁତ୍ର ସୁକାନ୍ତ କାର୍ତାମି ।

## ୩ ରଥ ପାଇଁ ଦୀର୍ଘ ୨୨ ବର୍ଷ ଧରି ସୋଲଫୁଲ ତିଆରି କରୁଛନ୍ତି ରାଜ କିଶୋରଙ୍କ ପରିବାର

ଖୋର୍ଦ୍ଧା, (ପି.ଏନ): ଆଉ ଏକ ମାସ ପରେ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା। ସେଥିପାଇଁ ତ ରଥ ଠାରୁ ଆରମ୍ଭ କରି ପଥ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି ସେବାୟତ। କାରଣ ବର୍ଷକ ପରେ ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ବିଜେ କରିବେ ବଡ଼ ଠାକୁର । ତେବେ ଏନେଇ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇସାରିଛି । ସେପଟେ ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ମଧ ଘନଘନ ବୈଠକ କରି ରଥଯାତ୍ରା ନେଇ ସମସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି । ତେବେ ଘୋଷଯାତ୍ରା ଅବସରରେ ତିନି ରଥକୁ ଅଧିକ ସୁନ୍ଦର କରିବା ପାଇଁ ବିଗତ ୨୨ ବର୍ଷ ଧରି ସୋଲଫୁଲ ଯୋଗାଇ ଆସୁଥିବା ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇ ସାହିର ରାଜ କିଶୋରଙ୍କ ପରିବାର ଚଳିତ ବର୍ଷ ମଧ ସୋଲଫୁଲ ଯୋଗାଇବା ନେଇ ପ୍ରସ୍ତୁତି ଆରମ୍ଭ କରିଦେଇଛି । ରଥଯାତ୍ରାକୁ ଦୃଷ୍ଟିରେ ରଖି ପରିବାରର ସମସ୍ତ ସଦସ୍ୟ ଲାଗି ପଡିଛନ୍ତି ସୋଲ ଫୁଲ ତିଆରିରେ । ଦାସିଆ ବାଉରୀ ଠାରୁ ନଡିଆ ଗ୍ରହଣ କରିଥିବା ଏହି ଭୋଇ ପରିବାର ଠାରୁ ସୋଲଫୁଲ ଗ୍ରହଣ କରି ପ୍ରଭୁ ଜଗନ୍ନାଥ ଜାତିପ୍ରଥା ଠାରୁ ବହୁ ଉର୍ଦ୍ଧ୍ୱରେ ବୋଲି ପ୍ରମାଣିତ କରିଛନ୍ତି ।ଖୋର୍ଦ୍ଧା ଗୁରୁଜଙ୍ଗ ଭୋଇ ସାହିର ରାଜ କିଶୋର ଓ ବୀର କିଶୋରଙ୍କ ପରିବାର ଏବେ ଲାଗି ପଡ଼ିଛନ୍ତି ଭଳିକି ଭଳି ସେବତୀ, କଦମ୍ବ ଓ ସୂର୍ଯ୍ୟମୁଖୀ ଫୁଲ ତିଆରି କରିବାରେ । ମନରେ ଉତ୍କଣ୍ଠା ଓ ଭକ୍ତି ନେଇ ପରିବାରର ସମସ୍ତ ସଦସ୍ୟ ଏହି କାମ କରିଥାଆନ୍ତି । ଆଉ ଅପେକ୍ଷା ଥାଏ କେତେବେଳେ ଆସିବ ନେତ୍ରୋତ୍ସବ ଆଉ ସେମାନଙ୍କ ହାତ ତିଆରି ସୋଲଫୁଲ ଲାଗି ହେବ ମହାପ୍ରଭୁଙ୍କ ରଥରେ । ୨୦୦୧ ମସିହାରେ ହାତ ତିଆରି ସୋଲଫୁଲ ରଥରେ ଲାଗି କରିବା ନେଇ ମନ୍ଦିର ପ୍ରଶାସନର ଅନୁମତି ଲୋଡିଥିଲା ଏହି ପରିବାର । ମନ୍ଦିର ପ୍ରଶାସନର ଅନୁମତି ମିଳିବା ପରଠାରୁ ପ୍ରତିବର୍ଷ ତିନି ରଥ ପାଇଁ ନିରବଚ୍ଛିନ୍ନ ସୋଲ ଫୁଲ ଯୋଗାଇ ଆସୁଛନ୍ତି ଏହି ପରିବାର । ଅକ୍ଷୟତୃତୀୟା ଠାରୁ ପରିବାରର ପିଲାଠୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ସଭିଏଁ ନିଷ୍ଠା ଓ ଭକ୍ତିର ସହ ଫୁଲ ତିଆରିରେ ଲାଗିପଡିଥାନ୍ତି । ଫୁଲ ପ୍ରସ୍ତୁତି ପାଇଁ ଆବଶ୍ୟକ ହେଉଥିବା ସୋଲକୁ ପୁରୀ, ନିମାପଡ଼ା, କାକଟପୁର, ବାଙ୍କୀ, ପିପିଲି, ଗୋପ ଓ କଣାସ ଆଦି ଅଂଚଳରୁ ସଂଗ୍ରହ କରିଥାନ୍ତି । ସେଗୁଡ଼ିକ ଶୁଖାଇ ଆବଶ୍ୟକ ଅନୁସାରେ କାଟି ସେଥିରୁ ଜୀବନ୍ତ ଭାବେ ଫୁଟାଇଥାନ୍ତି ସୁନ୍ଦର ସୁନ୍ଦର ସେବତୀ, କଦମ୍ବ ଓ ସୂର୍ଯ୍ୟମୁଖୀ ଫୁଲ । ପରିବାରର ସଦସ୍ୟମାନେ ନୂଆ ଲୁଗା ପିନ୍ଧି ଅତି ପବିତ୍ର ଓ ନିଷ୍ଠାର ସହ ଏହି କାମ କରିଥାନ୍ତି । କୌଣସି ରାସାୟନିକ ରଙ୍ଗ ବିନା କେବଳ ଚୁମୁକି ଓ ମୀନା ବ୍ୟବହାର କରି ଏହି ଫୁଲ ଗୁଡିକୁ ଅଧିକ ଆକର୍ଷଣୀୟ କରିଥାନ୍ତି ଏହି କାରିଗର । ଆଉ ଏହି ପରିବାରକୁ କାର୍ଯ୍ୟରେ ସହଯୋଗ କରିଥାନ୍ତି ପାଖ ପଡ଼ୋଶୀ । ସେମାନେ ମଧ ଏହି ପରିବାର ମାଧ୍ୟମରେ ଜଗନ୍ନାଥ ସେବା କରିବାର ସୁଯୋଗ ପାଉଥିବାରୁ ବେଶ ଖୁସି ଥିବା କହିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଜଗତର ନାଥ ଜଗନ୍ନାଥଙ୍କ ସେବାର ସୁଯୋଗ ସମସ୍ତଙ୍କୁ ମିଳିନଥାଏ । ତେବେ ଗୁରୁଜଙ୍ଗର ଏହି ଭୋଇ ପରିବାର ବିନା ପାରିଶ୍ରମିକରେ ମହାପ୍ରଭୁଙ୍କୁ ସେବା କରିବାର ସୁଯୋଗ ପାଇ ବେଶ ଆନନ୍ଦିତ ଥିବା କହିଛନ୍ତି । ରଥଯାତ୍ରା ଦିନ ପୁରୀ ଯାଇ ମନ୍ଦିର ପ୍ରଶାସନର ଅନୁମତି କ୍ରମେ ନିଜେ ପ୍ରସ୍ତୁତ କରିଥିବା ସୋଲ ଫୁଲକୁ ତିନି ରଥରେ ଲାଗି କରିବା ଆଶାରେ ଦିନ କାଟୁଛି ପୂରା ପରିବାର ।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

## ସାହାଣି କପ୍ ର ଉପ ବିଜେତା କନ୍ଧମାଳ ଫୁଟବଲ୍ ଦଳକୁ ଭବ୍ୟ ସମ୍ବର୍ଦ୍ଧନା

କନ୍ଧମାଳ, (ପି.ଏନ): ଫୁଲବାଣୀ ସ୍ଥିତ କରୋନେସନ ଖେଳ ପଡିଆ ଠାରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ପୁରୁଷ ଫୁଟବଲ ଦଳକୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଚଳିତ ବର୍ଷ କଟକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାହାଣି କପ୍ ଫୁଟବଲ୍ ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲା ଦଳ ଉପ ବିଜେତା ହୋଇଥିବାରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅତିଥି ଭାବେ କନ୍ଧମାଳ ସାଂସଦ ଡଃ. ଅଚ୍ୟୁତ ସାମନ୍ତ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଏକ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କନ୍ଧମାଳର ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍, ଓଡିଶା ଅଲମ୍ପିକ ଆସୋସିଏସନ୍ ର ଉପସଭାପତି କମଳାକାନ୍ତ ପାଣ୍ଡେ, ଓଡିଶା ଫୁଟବଲ ଆସୋସିଏସନର ଉପସଭାପତି ହୃଦୟ ରଞ୍ଜନ ବେହେରା, ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର, ଫୁଲବାଣୀ ବାର ଆସୋସିଏସନର ସଭାପତି ଭଗବାନ ମହାନ୍ତି, ବଣିକ ସଂଘ ସଭାପତି ଅଶୋକ କୁମାର ପଟ୍ଟନାୟକ, ଆଇନଜିବୀ ବିଜୟ କୃଷ୍ଣ ପଟ୍ଟନାୟକ ପ୍ରମୁଖ ମଂଚାସୀନ ହୋଇଥିଲେ। ଏହି ସଭାରେ ଜିଲ୍ଲା କ୍ରୀଡା ସଂଘର ସମସ୍ତ କର୍ମକର୍ତା ଓ ସଭ୍ୟଙ୍କ ସହ ବହୁ ସଂଖ୍ୟାରେ କ୍ରୀଡାପ୍ରେମୀ ଓ ଜନସାଧାରଣ ଉପସ୍ଥିତ ରହିଥିଲେ। ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ଯଥା ଜେଡି କ୍ଲବ, ଭାରୋତୋଳନ ସଂଘ, କୁଇ ସମାଜ, ଖଜୁରୀପଡ଼ା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିରେନ୍ଦ୍ର କହଁର ପ୍ରଭୃତିଙ୍କ ପକ୍ଷରୁ ଖେଳାଳି ମାନଙ୍କୁ ଉପଢୌକନ ପ୍ରଦାନ କରାଯାଇଥିଲା।ପୂର୍ବରୁ ଖେଳାଳି ମାନଙ୍କୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିବା ପରେ ଏହି ସଭାସ୍ଥଳକୁ ଅଣାଯାଇଥିଲା। ସଭା ଶେଷ ହେବା ପରେ ଖେଳାଳିମାନଙ୍କୁ ଜଗନ୍ନାଥ ମନ୍ଦିରକୁ ନିଆଯାଇଥିଲା। ସେଠାରେ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖେଳାଳି ମାନେ ସେଠାରେ ପ୍ରସାଦ ସେବନ କରିଥିଲେ।

## ପୋଖରୀରୁ ମୃତଦେହ ଉଦ୍ଧାର

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ୧ ନଂ ୱାର୍ଡ ମୁକ୍ତାପୁର ଗ୍ରାମର ମୁକ୍ତାସାଗରରୁ ଏକ ମୃତ ଦେହକୁ ଖଡିଆଳ ପୁଲିସ ଉଦ୍ଧାର କରିଛି । ମୃତ ଯୁବକ ଜଣକ ଖଡିଆଳ ବ୍ଲକ ବାଦୀ ପଂଚାୟତ ଅନ୍ତର୍ଗତ ଜୁନାନୀ ଗ୍ରାମର ବ୍ରଜମୋହମ ନାଗ (୪୫) ବୋଲି ଜଣାପଡିଛି । ସୂଚନା ମତେ ବ୍ରଜମୋହନ ଗତକାଲି ଠାରୁ ନିଖୋଜ ଥିଲେ । ପରିବାର ଓ ସମ୍ପର୍କୀୟ ଖୋଜାଖୋଜି ପରେ ମଧ୍ୟ ତାଙ୍କୁ ପାଇନଥିଲେ । ଗୁରୁବାର ସକାଳ ସମୟରେ ସ୍ଥାନୀୟ ମୁକ୍ତାସାଗର ପୋଖରୀରେ ଭାସୁଥିବାର ଖବର ପାଇ ପୁଲିସକୁ ଖବର ଦେଇଥିଲେ । ପୁଲିସ ଦମକଳ ବାହିନୀର ସହାୟତାରେ ଉଦ୍ଧାର କରିଥିଲା । ଏନେଇ ଖଡିଆଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ଶବକୁ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ବ୍ରଜମୋହନଙ୍କ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇ ପୋଖରୀରେ ଫିଙ୍ଗି ଦେଇଥିବା ନେଇ ଅଭିଯୋଗ କରିଛନ୍ତି । ହିନ୍ଦୁସ୍ଥାନ ସମାଚାର/ହେମନ୍ତ/ଭାନୁ

## ପିଆଜ ଦର କମୁନି- ଚିନ୍ତାରେ ଖାଉଟି

ନୂଆପଡା, (ପିଏନ) ନୂଆପଡା ଜିଲ୍ଲାରେ ୧ ମାସରୁ ଅଧିକ ହେବ ପିଆଜ ଦର କମୁନଥିବା ଅଭିଯୋଗ ହେଉଛି । ପିଆଜ ଦର କେଜି ପ୍ରତି ୨୦ ଟଙ୍କା ଦରରେ ବିକ୍ରୟ କରାଯାଉଥିଲା । ହେଲେ ହଟାତ ଦର ବୃଦ୍ଧି ପାଇ ୬୦ ରୁ ୮୦ ଟଙ୍କା ରେ ବିକ୍ରୟ କରାଯାଉଛି । ଦୋକାନୀ ମାନେ କେଜି ପ୍ରତି ୬୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଥିବା ବେଳେ ବଜାରର ବେପାରୀ ମାନେ ୭୦ ରୁ ୮୦ ଟଙ୍କାରେ ପିଆଜକୁ ବିକ୍ରୟ କରୁଛନ୍ତି । ହଟାତ ପିଆଜ ଦର ବୃଦ୍ଧି ଖାଉଟିଙ୍କୁ ବାଧୁଥିବା ବେଳେ ଦରକୁ ଦେଖି ଖାଉଟି ଆବଶ୍ୟକ ପରିମାଣରେ ପିଆଜ କିଣିକି ନେଉନଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି ।

## ଗ୍ଲୋବାଲ ସ୍କୁଲ ଆୱାର୍ଡ୍ -୨୦୨୦ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ -୨୦୨୦ ପାଇଥିବା ଜଣାପଡିଛି। ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର -୨୦୨୦ ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରପରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି। ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି। ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

## ସିନାପାଲି ହାଇସ୍କୁଲ ଶିକ୍ଷକଙ୍କ ପରଲୋକ

ନୂଆପଡା, (ପିଏନ) ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୀର ମେହେର(୫୫)ଙ୍କ ଗୁରୁବାର ପୂର୍ବାହ୍ନରେ ହାତୀବନ୍ଧା ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଶାରୀରିକ ସୁସ୍ଥ ଥିବା ବେଳେ ଆଜି ହଠାତ୍ ଅସୁସ୍ଥ ଅନୁଭବ କରି ହଠାତ୍ ଟଳିପଡି ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କ ପୈତୃକ ଭିଟାମାଟି ହାତୀବନ୍ଧା ସ୍ଥିତ ଶ୍ମଶାନ ଭୂମିରେ ଶବସତ୍କାର କରାଯାଇଛି।

## ସମ୍ବଲପୁରରେ ମହାନଦୀ ଟ୍ରିବ୍ୟୁନାଲ ଟିମ୍

ସମ୍ବଲପୁର, (ପି.ଏନ): ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ଆସିଛନ୍ତି ମହାନଦୀ ଟ୍ରିବ୍ୟୁନାଲ ଟିମ୍ । ଏହି ଟିମ୍ ଆଜି ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ମହାନଦୀର ଜଳ ସ୍ଥିତି ଅନୁଧ୍ୟାନ କରିବେ । ଗତକାଲି ଏହି ଟିମ୍ ଝାରସୁଗୁଡ଼ା ବିମାନବନ୍ଦରରେ ପହଂଚିବା ପରେ ସମ୍ବଲପୁରରେ ଆସି ପହଂଚିଥିଲେ । ଏହି ଟିମ୍ ଓଡ଼ିଶାରେ ମହାନଦୀ କ୍ଷେତ୍ର ପରିଦର୍ଶନ କରିବେ, ଆଜି ହୀରାକୁଦ ଡ୍ୟାମ୍ ର ସ୍ଥିତି ଅନୁଧ୍ୟାନ କରିବା ସହ ବିସ୍ତୃତ ତଥ୍ୟ ସଂଗ୍ରହ କରିବେ । ଏଥିସହ ବୁର୍ଲା ପାୱାର ହାଉସ୍ ବୁଲି ଦେଖିବେ । ଛତିଶଗଡ଼ ଏବଂ ଓଡ଼ିଶାର ଜଳ ସମ୍ପଦ ବିଭାଗ ଅଧିକାରୀ, ବୈଷୟିକ ଟିମ୍ ଏବଂ ଆଇନ ବିଶେଷଜ୍ଞ ମାନେ ଟ୍ରିବ୍ୟୁନାଲ ଟିମ୍ ସହିତ ଉପସ୍ଥିତ ରହିବେ । ଆସନ୍ତାକାଲି ଟିମ୍ ଚିପିଲିମା ପାୱାର ହାଉସ୍ ସହ ଅତାବିରା ବ୍ରାଂଚ କେନାଲ, ଶାସନ କେନାଲ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୨୨ ତାରିଖରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଇବ୍ ଥର୍ମାଲ ପାୱାର ଏବଂ ଡ୍ୟାମ୍ ପ୍ରୋଜେକ୍ଟ ସାଇଡ୍ ପରିଦର୍ଶନ କରିବେ। ୨୩ ତାରିଖରେ ନୂଆପଡ଼ା ଜିଲ୍ଲା ଅପର ଜୋନ୍ ଡ୍ୟାମ୍ ସାଇଡ୍ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଟିମ୍ ରେ ରହିଛନ୍ତି ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ୍ ଏଏମ ଖାନଓ୍ୱିଲକର, ଡଃ. ଜଷ୍ଟିସ୍ ରବି ରଞ୍ଜନ ଏବଂ ଶ୍ରୀମତୀ ଜଷ୍ଟିସ୍ ଇନ୍ଦରମିତ କୌର।

## ପୋଲିସ କନେଷ୍ଟବଲଙ୍କ ଆତ୍ମହତ୍ୟା

ଘଟଗାଁ, (ପି,ଏନ): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ହାତିନୋଟା ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା । ଗତକାଲି ରାତିରେ ଗାଁର ପ୍ରେମାନନ୍ଦ ନାଏକ ତାଙ୍କ ଘର ପାଖରେ ଥିବା ସଜନା ଗଛରେ ବେକରେ ଚୁନି ବାନ୍ଧି ଆତ୍ମହତ୍ୟା କରିଛନ୍ତି । ପ୍ରେମାନନ୍ଦ ପୋଲିସ କନେଷ୍ଟବଲ ଭାବେ କାର୍ଯ୍ୟରତ ଥିଲେ । ତାଙ୍କର ୫-୬ ବର୍ଷ ପୂର୍ବେ ବିବାହ ହୋଇଥିବା ବେଳେ ତାଙ୍କର ୫ ବର୍ଷର ପୁଅଟିଏ ଅଛି ଏବଂ ଏବଂ ଦୁଇ ବର୍ଷର ଛୋଟ ଝିଅଟିଏ ମଧ୍ୟ ଅଛି ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯବେକ୍ଷକ

Bhubaneswar Tuesday May 23, 2023 ଭୁବନେଶ୍ୱର ମଙ୍ଗଳବାର, ମଇ ୨୩,୨୦୨୩ Daiöy Edition : R.N.I.No: ODIODI /1999/00717 Postaö Regd. No: BN/57/18-20 www.paryabekhyak.com




## ଅମୃତମଣୋହୀ ଜମି ମହାପ୍ରଭୁଙ୍କୁ ଫେରାଇବା ଅଭିଯାନ: ବେଦାନ୍ତ ବିରୋଧୀଙ୍କ ବିଜୟ ଅଭିଯାନ ପ୍ରସ୍ତୁତି ବୈଠକ



ପୁରୀ,(ପି.ଏନ) : ପୁରୀ- କୋଣାର୍କ ବେଳାମାର୍ଗ ଉପକଣ୍ଠ ୨୨ ମୌଜା ଅଞ୍ଚଳର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଏକରର ମୂଲ୍ୟବାନ ଚାଷଜମି ଓ ଘରବାରୀ ଜମିକୁ ଶାଗମାଛ ଦରରେ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ କରିବା ଆଳରେ ବେଦାନ୍ତ କମ୍ପାନୀ ହାତେଇଥିଲା । ବେଦାନ୍ତ କମ୍ପାନୀକୁ ଏହି ଜମି ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ଅହେତୁକ ଅନୁକମ୍ପା ଦର୍ଶାଇ ସରକାରୀ ଜମି, ସ୍ଥିତିବାନ ଜମି ସହ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ମଧ୍ୟ ହସ୍ତାନ୍ତର କରିଥିଲେ । ଯାହାକୁ ନେଇ ତୀବ୍ର ଜନ ଅସନ୍ତୋଷ ମୁଣ୍ଡ ଟେକିଥିଲା ଓ ପରବର୍ତ୍ତୀ ସମୟରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧି ସଂଘର୍ଷ ସମିତି ଏହାକୁ ଦୃଢ଼ ବିରୋଧ କରିଥିଲା । ପୂର୍ବତନ ବିଧାୟକ ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ବେଦାନ୍ତ ବିରୋଧୀମାନେ କେବଳ ପୁରୀ ସହର ନୁହେଁ, ରାଜ୍ୟବାସୀଙ୍କୁ ଏହି ବେଆଇନ୍ ଜମି ହସ୍ତାନ୍ତର ନେଇ ସଚେତନ କରିବା ସହ ନୂଆଦିଲ୍ଲୀ ଠାରେ ବିଶାଳ ଶୋଭାଯାତ୍ରାରେ ପ୍ରତିବାଦ କରିଥିଲେ । ଶେଷରେ ସୁପ୍ରିମକୋର୍ଟ ବେଦାନ୍ତ କମ୍ପାନୀର ଏହି ଜମି ଅଧିଗ୍ରହଣକୁ ବେଆଇନ ଦର୍ଶାଇ ୫ଲକ୍ଷ ଟଙ୍କା ଜରିମାନା କରିବା ସହ ରାଜ୍ୟ ସରକାରଙ୍କ ଅହେତୁକ ଅନୁକମ୍ପା ଯୋଗୁଁ ଭର୍ତ୍ସନା କରିଥିଲେ । ଏବେ ଜମିହରା ପ୍ରଜାମାନେ କିପରି ତାଙ୍କ ଜମି ଫେରିପାଇବେ ସେଥି ନେଇ ପୁଣି ସଂଘର୍ଷ ଆରମ୍ଭ କରୁଥିବା ଜଣାଯାଇଛି । ଆଜି ପୂର୍ବାହ୍ନରେ ପୁରୀ ସଦର ୨୨ ମୌଜା ଅନ୍ତର୍ଗତ ତଥା ବୀରହରେକୃଷ୍ଣପୁର ପଞ୍ଚାୟତର ଉତ୍ତରେଶ୍ୱର ପଡା ଓ ରାହାଙ୍ଗୀରିଆ ଠାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତି ସଭାପତି ଦାମୋଦର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆହୁତ ବୈଠକରେ ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଆମ ମହାପ୍ରଭୁ ଶ୍ରୀଜଗନ୍ନାଥ ସତ୍ୟ, ନ୍ୟାୟ ଓ ଧର୍ମର ଦେବତା । ବେଦାନ୍ତ ଦ୍ୱାରା ଶୋଷିତ ଚାଷୀ ଆଜି ସେହି ମହାପ୍ରଭୁଙ୍କ ଉପରେ ସବୁ ଛାଡ଼ି ଦେଇ ରାଜରାସ୍ତା ଓ ନ୍ୟାୟାଳୟରେ ଲଢ଼େଇ ଜାରି ରଖିଥିଲା । ଶେଷରେ ସତ୍ୟ ନ୍ୟାୟ ଓ ଧର୍ମର ବିଜୟ ହୋଇଛି ବୋଲି କହିଛନ୍ତି । ପରେ ପରେ ଜମିହରା ପ୍ରଜାମାନେ କିପରି ତାଙ୍କ ଜମି ଓ ଶ୍ରୀଜଗନ୍ନାଥଙ୍କ ଅମୃତ ମଣୋହୀ ଜମି ଫେରିପାଇବେ, ଏହି ମାମଲାରେ ବେଦାନ୍ତ ବିଶ୍ୱବିଦ୍ୟାଳୟ ସଂଘର୍ଷ ସମିତିର ବିଜୟ ଉତ୍ସବ ପାଳନ କରାଯିବା ପାଇଁ ଆୟୋଜିତ ବୈଠକରେ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶମ୍ଭୁନାଥ ପାଣିଗ୍ରାହୀ, ବିଷ୍ଣୁ ପ୍ରସାଦ ମିଶ୍ର, ପୁରୀ ସଦର ବ୍ଲକ କଂଗ୍ରେସ କମିଟି ସଭାପତି ଅବିନାଶ ମିଶ୍ର, ଲକ୍ଷ୍ମଣ ପ୍ରଧାନ, ହରପ୍ରସାଦ ଜେନା, ପର୍ଶୁରାମ ପ୍ରଧାନ, ଗଙ୍ଗାଧର ପ୍ରଧାନ, ପ୍ରଭାକର ସ୍ୱାଇଁ, ମାନସ ମିଶ୍ର, ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ବେଦାନ୍ତର ଏହି ଜମି ଦଖଲକୁ ସୁପ୍ରିମକୋର୍ଟ ବେଆଇନ ଦର୍ଶାଇବା ନେଇ ଏକ ବିଜୟ ଉତ୍ସବ ପାଳନ ଓ ଏଥିରେ ସହଯୋଗ କରିଥିବା ପ୍ରଶାନ୍ତ ଭୂଷଣ ଓ ମେଧା ପାଟେକରଙ୍କୁ ସମ୍ମାନିତ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ଏହି ଅବସରରେ ନିଜ ଭାତହାଣ୍ଡିକୁ ସୁରକ୍ଷାର ସହ ଫେରି ପାଇବାର ଆଶା ସଞ୍ଚାର କରିଥିବା ପ୍ରମୁଖ ବିଦ୍ଧାଣୀ ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଆୟୋଜିତ ବୈଠକରେ ସମସ୍ତ ଜମିହରା ପ୍ରଜାମାନେ ନିଜ ନିଜ ଜମି ଯେପରି ସୁରୁଖୁରୁରେ ଫେରିପାଇବେ ସେ ସମ୍ପର୍କରେ ଦାବି ଉପସ୍ଥାପନ କରିଥିଲେ ।

## ବିଜେଡ଼ି ସରକାରରେ ମହିଳା ଅତ୍ୟନ୍ତ ଉପେକ୍ଷିତ ଓ ଅତ୍ୟାଚାରିତ : ପ୍ରଦେଶ ମହିଳା କଂଗ୍ରେସ



ଭୁବନେଶ୍ୱର ,(ପି.ଏନ): ଆଜି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ଅପର୍ଣ୍ଣାଧିର ସିଂ, ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭାପତି ଗିତାଳି ମହାନ୍ତି, ମଧୁସ୍ମିତା ଆଚାର୍ଯ୍ୟ, ଅମିତା ବିଶ୍ୱାଳ ଓ ପ୍ରଭାବତି ପଟ୍ଟନାୟକ ଉଦ୍‌ବୋଧନ ଦେଇ ରାଜ୍ୟରେ କ୍ରମବର୍ଦ୍ଧିଷ୍ଣୁ ମହିଳା ଅତ୍ୟାଚାର ଉପରେ ଚିନ୍ତା ପ୍ରକଟ କରି କହିଥିଲେ ଯେ, ବିଜେଡ଼ି ସରକାରର ମା'କୁ ସମ୍ମାନ ଏକ ଫମ୍ପା ଆହ୍ୱାନ ଏବଂ ବିଜେଡ଼ି ସରକାରର ୨୩ ବର୍ଷରେ ରାଜ୍ୟର ମହିଳା ଅତି ଶୋଚନୀୟ ଭାବେ ଉପେକ୍ଷିତ ଓ ଅତ୍ୟାଚାରିତ । ବିଜେଡ଼ିର ଚରିତ୍ର ମା'କୁ ନିର୍ଯ୍ୟାତନା । ବଲାଙ୍ଗୀର ଜିଲ୍ଲାର ଶାସକ ଦଳର ତୁଙ୍ଗ ନେତା ପୂର୍ବତନ ମନ୍ତ୍ରୀ, ତାଙ୍କ ପୁଅ ପୂର୍ବତନ ସାଂସଦଙ୍କ ବରୋଧରେ ବଧୂ ନିର୍ଯ୍ୟାତନା ଅଭିଯୋଗ ହୋଇ ମୋକଦ୍ଦମା ହୋଇଛି ଏବଂ ତଦନ୍ତ ଚାଲୁଛି । କେନ୍ଦ୍ରାପଡ଼ା ଜିଲ୍ଲାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତାଙ୍କ ବିରୋଧରେ ବଧୂନିର୍ଯ୍ୟାତନା ଅଭିଯୋଗ ବାଙ୍କି ଥାନାରେ ମୋକଦ୍ଦମା ରୁଜୁ ହୋଇ ତଦନ୍ତ ଚାଲୁଛି । କେନ୍ଦ୍ରାପଡ଼ାର ସାଂସଦଙ୍କ ବିରୋଧରେ ନାରୀ ନିର୍ଯ୍ୟାତନର ଅଭିଯୋଗ ଟିଭି ଚ୍ୟାନେଲରେ ଆଖି ଦେଖୁଛି । ଜଗତସିଂହପୁର ଜିଲ୍ଲାର ଜଣେ ବିଧାନସଭା ସଦସ୍ୟ ତାଙ୍କ ବିରୋଧରେ ଜଣେ ଭଉଣୀର ଯୌନାଚାର ଅଭିଯୋଗ ରହିଛି । ଏ ସବୁ ଘଟଣା ପାଇଁ ଲଜ୍ଜାରେ ମୁଣ୍ଡ ନଇଁ ଯାଉଛି । କିନ୍ତୁ କାହିଁ ? ଆଇନ କେଉଁ ବାଟରେ ଯାଉଛି ? ତଦନ୍ତ ହେଉଛି କି ? ଯଦି ବା କେଉଁଠି ହେଉଛି ନିର୍ଦ୍ଦିଷ୍ଟ ସମୟସୀମାରେ ଶେଷ ହୋଇଛି କି ? ତଦନ୍ତ ଆଧାରରେ ଦଣ୍ଡ ବିଧାନ ହେଉଛି କି ? ବୋଲି ପ୍ରଶ୍ନ କରିଥିଲେ । ଓଡ଼ିଶାରେ ମହିଳା ସଂପର୍କିତ ଅପରାଧ ଅତ୍ୟନ୍ତ ଉଦ୍‌ବେଗ ଜନକ । ୨୦୧୨ରେ ଓଡ଼ିଶା ଉତର ପ୍ରଦେଶ ଓ ଆସାମ ପରେ ଦେଶର ତୃତୀୟ ରାଜ୍ୟ ଭାବେ ଥିଲା । ଯୌତୁକ ନିର୍ଯ୍ୟାତନା, ଧର୍ଷଣ, ଗଣଧର୍ଷଣ ପାରିବାରିକ ହିଂସା ଓ ବଳାତ୍କାର ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଚିନ୍ତାଜନକ । (ଏହା ଘବସ୍ଥସକ୍ଷଭବକ୍ଷ ଉକ୍ସସଙ୍କର ଇଙ୍କସ୍ବରବଙ୍କ ଜରମକ୍ଟକ୍ସୟ ଘଉଜଇର ତଥ୍ୟ) ୨୦୨୦ ତୁଳନାରେ ୨୦୨୧ ରେ ବୃଦ୍ଧି ପାଇଥିଲା ୧୩୭.୮ ପ୍ରତିଶତ । ୨୦୨୩ ରେ ଓଡ଼ିଶା ବିଧାନସଭାରେ ଉପସ୍ଥିତ ଘରୋଇ ବିଭାଗର ଶ୍ୱେତପତ୍ର (ଡଷସସ୍ବର ଚବକ୍ଟରକ୍ସ) ଅନୁସାରେ ମହିଳା ସଂପର୍କିତ ମାମଲା ବିଚାରାଧୀନ ହୋଇ ପଡ଼ିରହିଥିବା ହେଉଛି ୯୮.୬% ଭାରତ ବର୍ଷରେ ଏହା ସର୍ବାଧିକ । ଦଣ୍ଡବିଧାନ କ୍ଷେତ୍ରରେ ଚିତ୍ର ଅତ୍ୟନ୍ତ ନୈରାଶ୍ୟଜନକ ମାତ୍ର ୮.୩ ପ୍ରତିଶତ ଯାହାକି ସର୍ବଭାରତୀୟ ହାରାହାରି ୨୬.୬୭% ଠାରୁ ବହୁ ଦୁରରେ । ପିପିଲିର ବେବିନା, ବ୍ରହ୍ମଗିରୀର ମାଧବୀଲତା, ଟିକିରୀ ଶିକ୍ଷୟିତ୍ରୀ ଇତିଶ୍ରୀ, ଧର୍ମଶାଳାର ସ୍ମିତାରାଣୀ, କୁନ୍ଦୁଲୀ ଛାତ୍ରୀ, ନୟାଗଡ଼ର ପରି ଓ ମମିତା ମେହେରଙ୍କ ପରି ଶହ ଶହ ପରିବାରକୁ ଦୀର୍ଘ ୨୩ ବର୍ଷ ଭିତରେ ମୁଖ୍ୟମନ୍ତ୍ରୀ ନ୍ୟାୟ ଦେଇପାରିଲେ ନାହିଁ । ଏ ସବୁ ଘଟଣାରେ ଶାସକ ଦଳର ବିଧାୟକ, ମନ୍ତ୍ରୀ, ସାଂସଦ ଓ ନେତା ସଂପୃକ୍ତ ଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଘଂଟ ଘୋଡାଉଛନ୍ତି । କଂଗ୍ରେସ ଦଳ ସଦାସର୍ବଦା ମହିଳାମାନଙ୍କ ସମସ୍ୟାକୁ ସମାଧାନ କରିବାକୁ ଆଗେଇ ଆସିଥାଏ । ସୁତରାଂ ଯଦି ଉପରୋକ୍ତ ସଦ୍ୟ ଘଟିତ ଏବଂ ଅନ୍ୟାନ୍ୟ ମହିଳା ନିର୍ଯ୍ୟାତନା ଓ ଦୁଷ୍କର୍ମ ଉପରେ ସରକାର ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ମହିଳା କଂଗ୍ରେସ ରାଜ୍ୟବ୍ୟାପି ଆନ୍ଦୋଳନ କରିବା ପାଇଁ ନିଷ୍ପତି ଗ୍ରହଣ କରିଛି । ଏଥିସହ ଏହି ପ୍ରସଙ୍ଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିଷ୍ପତିକ୍ରମେ ପ୍ରଦେଶ ମହିଳା କଂଗ୍ରେସର ଏକ ପ୍ରତିନିଧି ଦଳ ଆଜି ତୋଷାଳୀ ପ୍ଲାଜା ସ୍ଥିତ ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତୀ ବେହେରାଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ମହିଳା କମିସନ ଅଧକ୍ଷା ମାନନୀୟା ଶ୍ରୀମତୀ ମିନତୀ ବେହେରା ମହିଳା କଂଗ୍ରେସ ତରଫରୁ ସ୍ମାରକପତ୍ର ଗ୍ରହଣ କରିଥିଲେ ଏବଂ ପ୍ରତିନିଧି ମଣ୍ଡଳୀଙ୍କ ସହ ବିସ୍ତୃତ ଆଲୋଚନା କରି ଆଇନ ଅନୁଯାୟୀ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ପିସିସି ମୁଖପାତ୍ର ଅପର୍ଣ୍ଣାଧିର ସିଂ, ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ସଭପତି ଗିତାଳି ମହାନ୍ତି, ମଧୁସ୍ମିତା ଆଚାର୍ଯ୍ୟ, ଅମିତା ବିଶ୍ୱାଳ, ପ୍ରଭାବତି ପଟ୍ଟନାୟକ ଙ୍କ ସମେତ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ବ୍ଲକ କଂଗ୍ରେସ ସଭାପତି ଶ୍ରୀ ଅଶୋକ ଦାସ, ଶିଳ୍ପିଶ୍ରୀ ହରିଚନ୍ଦନ, କୁସୁମ ପ୍ରଧାନ,ପୁଷ୍ପିତା ଦାସ,ନିରୁପମା ପାତ୍ର, ନିରୁପମା ଦାସ, ଚୈତାଳି ପଟ୍ଟନାୟକ, ଶ୍ରୀୟାସ୍ମିତା ପଣ୍ଡା, ଜୟଶ୍ରୀ ପାତ୍ର, ଶୁଭଦ୍ରା ମିଶ୍ର, କଳ୍ପନା ଆପଟ, ସୁନିତା ନାୟକ, ମିନତୀ ସାହୁ, କବିତା ଦାସ, ମଧୁସ୍ମିତା ପରିଡ଼ା, ସଂଧ୍ୟା ଖୁଂଟିଆ ପ୍ରମୁଖ ବହୁ ମହିଳା କଗ୍ରେସ କର୍ମୀ ଯୋଗ ଦେଇଥିଲେ ।

## ୧୦୬ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମ ଲେଖାଇବେ ୧୩୪୬୮ ଛାତ୍ରଛାତ୍ରୀ

ଭୁବନେଶ୍ୱର, (ପି.ଏନ): ୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟରେ ୧୦୬ ଗୋଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲାଯିବା ପାଇଁ ପଦକ୍ଷେପ ନିଆଯାଇଛି । ଏଥି ମଧ୍ୟରୁ ୧୦୦ ଗୋଟି ବିଦ୍ୟାଳୟରେ କଳା ଓ ୬ ଗୋଟି ବିଦ୍ୟାଳୟରେ ବିଜ୍ଞାନ ବିଷୟରେ ଶିକ୍ଷାଦାନ କରାଯିବ । ଏହି ବିଦ୍ୟାଳୟଗୁଡ଼ିକରେ ଦୁଇ ଗୋଟି ଲେଖାଏଁ ସେକ୍ସନ ଖୋଲିବା ପାଇଁ ସ୍ଥିର ହୋଇଛି । ପ୍ରତ୍ୟେକ ସେକ୍ସନରେ ୬୪ ଜଣ ଲେଖାଏଁ ମୋଟ ୧୨୮ ଛାତ୍ରଛାତ୍ରୀ ନାମ ଲେଖାଇବେ । ଏହାଦ୍ୱାରା ରାଜ୍ୟରେ ୧୦୬ ଗୋଟି ସରକାରୀ ବିଦ୍ୟାଳୟରେ ମୋଟ ୧୩୪୬୮ ସିଟ ନାମ ଲେଖାପାଇଁ ବୃଦ୍ଧି ପାଇବ । ସମ୍ପ୍ରତି ପ୍ରଧାନଶିକ୍ଷକମାନେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ରାଜ୍ୟସ୍ତରରେ ତାଲିମ ଦିଆଯାଇଛି । ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ଅତିଥି ଶିକ୍ଷକ ନିଯୋଜନ ପ୍ରକ୍ରିୟା ବିଦ୍ୟାଳୟ ସ୍ତରରେ ଚାଲୁ ରହିଛି ।

## ମଧ୍ୟାହ୍ନ ଭୋଜନ ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, (ପି.ଏନ): ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କୁ ସୁରକ୍ଷିତ ଓ ସ୍ୱାସ୍ଥ୍ୟକର ମଧ୍ୟାହ୍ନ ଭୋଜନ ଯୋଗାଇଦେବା ଲକ୍ଷ୍ୟରେ ଭୁବନେଶ୍ୱରସ୍ଥିତ ମିଶନଶକ୍ତି ଭବନ ପରିସରରେ ସୋମବାର ଏକ ଦୁଇଦିନିଆ କର୍ମଶାଳା ଆୟୋଜିତ କରାଯାଇଛି । ଭାରତ ସରକାରଙ୍କ ପିଏମ୍-ପୋଷଣ, ମିଳିତ ଜାତିସଂଘ ବିଶ୍ୱ ଖାଦ୍ୟ ସଂଗଠନ ଏବଂ ଓଡିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ପୋଷଣଯୁକ୍ତ ମଧ୍ୟାହ୍ନ ଭୋଜନ ଯୋଗାଇବା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ୧୬ ଜିଲ୍ଲାର ପାଚିକା ତଥା ସହାୟିକା ମାଷ୍ଟର ଟ୍ରେନରମାନଙ୍କର ପ୍ରଶିକ୍ଷଣ ୪ ପର୍ଯ୍ୟାୟରେ ଶେଷ ହୋଇସାରିଛି । ଆଜିର ଏହି ପର୍ଯ୍ୟାୟକୁ ମିଶାଇ ୧୯ ଜିଲ୍ଲାର ପ୍ରଶିକ୍ଷଣ ଶେଷ ହେବ । ଏହି ଅବସରରେ ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାରୁ ଆସିଥିବା ମାଷ୍ଟର ଟ୍ରେନରମାନେ (ପାଚିକା ତଥା ସହାୟିକା) ଅଂଶ ଗ୍ରହଣ କରି ସୁରକ୍ଷିତ ଏବଂ ସ୍ୱାସ୍ଥ୍ୟକର ପରିବେଶରେ କିଭଳି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରାଯିବ ସେ ନେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ରାଜ୍ୟ ନୋଡାଲ ଅଫିସର ରଘୁରାମ ଆର ଆୟାର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବିଷୟବସ୍ତୁ ବିଷୟରେ ସମ୍ୟକ ଧାରଣା ଦେଇଥିଲେ । ମୁଖ୍ୟ ଅତିଥି ସମ୍ବିତ କୁମାର ନାୟକ, ଅତିରିକ୍ତ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗ, ସମସ୍ତ ପାଚିକା ତଥା ସହାୟିକାମାନେ ସ୍କୁଲ ପିଲାମାନଙ୍କୁ ନିଜର ଛୁଆ ଭାବି ଖାଦ୍ୟ ରାନ୍ଧନ୍ତୁ ଓ ପରଷନ୍ତୁ ବୋଲି ଅନୁରୋଧ କରିଥିଲେ । ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ରାଜ୍ୟ ମୁଖ୍ୟ ହିମାଂଶୁ ବଳ କହିଲେ ଯେ ପାଚିକା ତଥା ସହାୟିକାମାନେ ତାଙ୍କ କାର୍ଯ୍ୟ ଦ୍ୱାରା ନିଜ ଅଞ୍ଚଳର ଭବିଷ୍ୟତଙ୍କୁ ତିଆରି କରୁଛନ୍ତି ତେଣୁ ଏହାକୁ ଏକ ଗୁରୁଦାୟିତ୍ୱ ରୂପେ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ଶ୍ରୀମତୀ ସସ୍ମିତା ପଟ୍ଟନାୟକ, ଉପ-ନିର୍ଦ୍ଦେଶକ ଯୋଗେନ୍ଦ୍ର ମାଝୀ, ବିତ ଅଧିକାରୀ ଶ୍ରୀଯୁକ୍ତ ଜୟକୃଷ୍ଣ ପାତ୍ର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ସମୟରେ ପରିଷ୍କାର ପରିଚ୍ଛନ୍ନ ରହିବା, ଉତମ ଗୁଣବତାଯୁକ୍ତ ଖାଦ୍ୟ ପ୍ରସ୍ତୁତ କରିବା, ଉତ୍କୃଷ୍ଟ ମାନର ସାମଗ୍ରୀ ବ୍ୟବହାର କରିବା, ପୁଷ୍ଟିକର ଚାଉଳ ରୋଷେଇ ପ୍ରଣାଳୀ, ଆବର୍ଜନା ପରିଚାଳନା ଇତ୍ୟାଦି ଉପରେ ପ୍ରଶିକ୍ଷଣ ଦିଆଗଲା । କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ସ୍କୁଲମାନଙ୍କରେ ମଧ୍ୟାହ୍ନ ଭୋଜନରେ ପୁଷ୍ଟି ଉଦ୍ୟାନ (ରୋଷେଇ ବଗିଚା)ର ଉପଯୋଗିତା ଉପରେ ଆଲୋଚନା କରାଯିବ । ପାଚିକା ତଥା ସହାୟିକାମାନଙ୍କର ତାଲିମ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ତଥା ମତାମତ ଗ୍ରହଣ କରାଯାଇ ସେମାନଙ୍କୁ ମାନପତ୍ର ପ୍ରଦାନ କରାଯିବ । ପରିଶେଷରେ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସଦସ୍ୟମାନଙ୍କୁ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ୍ ମ୍ୟାନେଜମେଂଟ ଏବଂ ଫୁଲନଖରାସ୍ଥିତ ଅକ୍ଷୟପାତ୍ର ଫାଉଣ୍ଡେସନ୍ ଟ୍ରଷ୍ଟର କେନ୍ଦ୍ରୀୟ ରୋଷେଇଶାଳା (ସେଂଟ୍ରାଲାଇଜଡ୍ କିଚେନ୍) କୁ ପରିଦର୍ଶନରେ ନିଆଯିବ ।

## ଫ୍ୟାବଇଣ୍ଡିଆ ଆଣିଛି 'ବିଗ୍ ସମର'

ନୂଆଦିଲ୍ଲୀ,(ପି.ଏନ): ଫ୍ୟାବଇଣ୍ଡିଆ ଗ୍ରୀଷ୍ମ ଋତୁପାଇଁ ଆଣି ଦେଇଛିନ୍ତବିଗ୍ ସମରନ୍ତ । ଏହା ଏକ ସେଲିବ୍ରେସନ, ଯେଉଁଠାରେ ଫ୍ୟାଶନର ପରମ୍ପରା ଏବଂ କ୍ୱାଲିଟିର ଆଫୋର୍ଡ଼ିବିଲିଟି ସହ ଏକ ସୁନ୍ଦର ମିଳନ ଦେଖିବାକୁ ମିଳିବ । ଏହା ଭୁବନେଶ୍ୱରର ଆପଣଙ୍କର ନିକଟତମ ଷ୍ଟୋର ସହ ୩୫୦ ରୁ ଅଧିକ ଷ୍ଟୋର୍ ସହିତ ଅନଲାଇନରେମଧ ଉପଲବ୍ଧ ରହିବ । ଆପଣ ନିଜ ଓ୍ୱାର୍ଡ଼ରବକୁ ପୁନଃ ସଜାଡୁଛନ୍ତି, ଅଥବା ଏକ ସମାରୋହରେ ଯୋଗ ଦେଉଛନ୍ତି କିମ୍ବା ଛୁଟିଦିନ ଯୋଜନା କରୁଛନ୍ତି, ଫ୍ୟାବଇଣ୍ଡିଆର ନୂତନ ଡ଼ିଲ ଏବଂ ଷ୍ଟାଇଲ ଆପଣଙ୍କର ସମସ୍ତ ଆବଶ୍ୟକତାକୁ ପୂରଣ କରୁଛି । ପୋଷାକ ବ୍ୟତୀତ ବିଗ୍ ସମର ସେଲିବ୍ରେସନ ଆହୁରି ଅଧିକ କିଛି ଆଣିଦେଇଛି । ଏହା ସହିତ ହ୍ୟାଣ୍ଡକ୍ରାଫ୍ଟ, ହୋମ ଡ଼େକର ପ୍ରଡକ୍ଟସ ମଧ୍ୟ ଉପଲବ୍ଧ ହେବ । ସେଠାରେ ଏକ ପରସନାଲ କେୟାର ପ୍ରଡକ୍ଟର ସମ୍ପୂର୍ଣ୍ଣ ସମ୍ଭାର ଯାହା ଆଟକ୍ୱିନ ହେବା ସହ ଏବଂ ନାଚୁରାଲ ବାୟୋ-ଆକ୍ଟିଭିଟିସ ଯୁକ୍ତ ଅଟେ । କନ୍‌ଟେମ୍ପରାରି କୁର୍ତା, ଶାଢ଼ୀ, ସାର୍ଟ ଏବଂ ଟ୍ରାଉଜର କିଣିବା ସହ ଖୁବ ସୁନ୍ଦର ସୂକ୍ଷ୍ମ ଭାରତୀୟ ଅଳଙ୍କାର, ବ୍ୟାଗ ଏବଂ ଫୁଟୱେର ତଥା ଟ୍ରେଣ୍ଡି ଆସେସୋରିଜ୍ ଆଦି କିଣନ୍ତୁ । ସଫ୍ଟ ଲିନେନ୍ସ, ମଡ଼ର୍ଣ ଡେକୋରେଟିଭ ଆଇଟମସ, ଷ୍ଟରଡ଼ି ଫର୍ନିଚର ଏବଂ ସୁନ୍ଦର କିଚେନୱେର ସହିତ ହୋମ କଲେକ୍ସନ ମଧ୍ୟ ଏଠାରେ ଉପଲବ୍ଧ ରହିଛି । ଫ୍ୟାବଇଣ୍ଡିଆରେ ବିଗ୍ ସମର ସେଲିବ୍ରେସନ ବିଷୟରେ ଫ୍ୟାବଇଣ୍ଡିଆର (ପ୍ରେସିଡେନ୍ଟ, ସେଲସ)ଅଜୟ କପୁର କହିଛନ୍ତି, ନ୍ତଦୈନନ୍ଦିନ ଗୃମିଙ୍ଗ ପାଇଁ ହେଉଏବଂ ଅବକାଶ ପାଇଁ ହେଉ - ଗ୍ରୀଷ୍ମ ସମୟରେ ଆମର ଗ୍ରାହକମାନେ ସର୍ବଦା ଋତୁ ଅନୁଯାୟୀ ସେମାନଙ୍କ ଓ୍ୱାର୍ଡ଼ରବରେ ଷ୍ଟକ୍ ରଖିବାକୁ ପସନ୍ଦ କରନ୍ତି । ଆମେ ୨୦୨୩ର ଗ୍ରୀଷ୍ମକୁ ଫ୍ୟାବଇଣ୍ଡିଆର କ୍ୟୁରେଟେଡ୍ ଅଫର୍ ଏବଂ ଏକ୍ସପେରିଏନ୍ସ ସହିତ ଏକ ସେଲିବ୍ରେସନରେ ପରିଣତ କରିବାକୁ ଚାହୁଁ । ପୋଷାକ, ଆସବାବପତ୍ର କିମ୍ବା ଦୈନଦିନ ସୌନ୍ଦର୍ଯ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଠାରୁ ଆରମ୍ଭ କରି ଆମର ଗ୍ରାହକମାନଙ୍କ ପାଇଁ ସେମାନଙ୍କର ଗ୍ରୀଷ୍ମଶୈଳୀ ଉନ୍ନତ କରିବା ସହିତ ସେମାନଙ୍କ ଚାହିଦାକୁ ଅପଗ୍ରେଡ଼ କରିବା ପାଇଁ ଏହା ଏକ ଅବିଶ୍ୱସନୀୟ ସୁଯୋଗ । ଏହି କଲେକ୍ସନ ଗୁଡ଼ିକରେ ଉଲ୍ଲେଖନୀୟ ଅଫର ସହିତ ଏହା ଗ୍ରାହକମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ବିସ୍ତାର କରିବ ନିଶ୍ଚିତ ।ନ୍ତ ଫ୍ୟାବଇଣ୍ଡିଆ ଏହାର ତୁଳନାତ୍ମକ ହସ୍ତତନ୍ତ ଏବଂସସଟେନେବଲ ପ୍ରଡକ୍ଟସ ପାଇଁ ଜଣାଶୁଣା କାରଣ ଏହାର ପ୍ରତ୍ୟେକ ଉତ୍ପାଦ ଖୁବ ସତର୍କତାର ସହ କ୍ରୟ ହୋଇଥିବା ମ୍ୟାଟେରିଏଲସରୁ ଏବଂ ସମଗ୍ର ଭାରତର ହସ୍ତତନ୍ତ କାରିଗରଙ୍କ ଏକ ଟିମ ଦ୍ୱାରା ପ୍ରସ୍ତୁତ । ପ୍ରତ୍ୟେକ ଫ୍ୟାବଇଣ୍ଡିଆ ଉତ୍ପାଦ ଦେଶର ଉନ୍ନତସଂସ୍କୃତିକୁ ପ୍ରୋତ୍ସାହିତ କରିଥାଏ । ବ୍ରାଣ୍ଡର କ୍ୱାଲିଟି ଆଣ୍ଡ ସୋସିଆଲ ରେସନ୍ସିବିଲିଟିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ । ଏହି କଲେକ୍ସନଗୁଡ଼ିକ କେୟାର ଆଣ୍ଡ ପ୍ରିସିସନ ସହିତ ପ୍ରସ୍ତୁତ ହୋଇଛି ଏବଂ ଏହା ଆପଣଙ୍କ କଲେକ୍ସନରେ ଏକ ଚମତ୍କାର ଯୋଗଦାନ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray